## ବଜରଙ୍ଗ ଦଳର ଜିଲା ପରିଚୟ ବର୍ଗ ଉଦ୍‌ଯାପିତ

ଭଦ୍ରକ,୩।୫(ସନାତନ ରାଉତ)

ଭଦ୍ରକ ଜିଲା ବଜରଙ୍ଗ ଦଳ ପକ୍ଷରୁ ଭଦ୍ରକ ସହର ଗାନ୍ଧୀପଡ଼ାସ୍ଥିତ ଶିଶୁମନ୍ଦିର ପରିସରରେ ଚାଲିଥିବା ଦୁଇଦିନିଆ ଜିଲା ପରିଚୟ ବର୍ଗ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଘାଟକ ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ବର୍ଗକୁ ଉଦ୍‌ଘାଟନ କରିଥିବା ବେଳେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଜିଲାରୁ ପ୍ରାୟ ୮୦ କାର୍ଯ୍ୟକର୍ତ୍ତା ଶିବିରରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ କାର୍ଯ୍ୟବାହ ପାର୍ଥସାରଥି ଦାଶ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ପ୍ରଧାନ ଓ ବଜରଙ୍ଗ ଦଳ ପ୍ରାନ୍ତ ମିଳନ ପ୍ରମୁଖ ବିପିନ ବିହାରୀ ନାୟକ ମାର୍ଗଦର୍ଶନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ଜିଲା ସମ୍ପାଦକ ବସନ୍ତ ରାଉତ ମଞ୍ଚ ପରିଚାଳନା କରିଥିଲେ। ଜିଲା ସଭାପତି କାହ୍ନୁ ଚରଣ ସିଂ, ସହସମ୍ପାଦକ ଆଲୋକ ପଣ୍ଡା, ଜିଲା ମହିଳା ଉପସଭାପତି ଟି. ରାଜଲକ୍ଷ୍ମୀ, ସଂଯୋଜିକା ସୁବ୍ରତା ସାହୁ, ଦୁର୍ଗା ବାହିନୀ ବିଭାଗ ସଂଯୋଜିକା ମଧୁସ୍ମିତା ମହାପାତ୍ର, ଜିଲା ସେବା ପ୍ରମୁଖ ରଥ କିଶୋର ସାମଲ, ନଗର ସଭାପତି ମାନଗୋବିନ୍ଦ ନାୟକ, ବଜରଙ୍ଗ ଦଳ ଜିଲା ସଂଯୋଜକ ବିଜୟ ଦାସ, ସହସଂଯୋଜକ କ୍ଷୀତିଶ ଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# 'ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଭଦ୍ରକ ନାରୀ'



ଭଦ୍ରକ ବୈଶାଖୀ ମେଳାର ୭ମ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭଦ୍ରକ,୩।୫(ସନାତନ ରାଉତ)

ସାରସ୍ୱତ ସାଧନାର ପବିତ୍ର ଭୂମି ଭଦ୍ରକରେ ନାରୀମାନେ କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ନିଜର ଲେଖନୀ ଚାଳନା ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ନାରୀ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କଠାରୁ ଆରମ୍ଭ କରି ଏବେକାର ଲେଖିକାମାନଙ୍କର ସାରସ୍ୱତ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା କ୍ଷେତ୍ରରେ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶନିବାର ଭଦ୍ରକ ବୈଶାଖୀ ମେଳାର ୭ମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ବୈଶାଖୀ ମେଳାର ଏହି ସାନ୍ଧ୍ୟ କାର୍ଯ୍ୟକ୍ରମରେ କମିଟି ସଭାପତି ଅଜୟ ନାୟକଙ୍କ ପକ୍ଷରୁ ଭଦ୍ରକ କବୟିତ୍ରୀ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସ୍ୱର୍ଗତ ଡ. ପ୍ରଭାତନଳିନୀ ମହାପାତ୍ର ଓ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରାଧ୍ୟାପକ ସ୍ୱର୍ଗତ ମାନସ ରଞ୍ଜନ ଜେନାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ଉଭୟଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପରେ କବୟିତ୍ରୀ ଗୀତାରାଣୀ ଆଇଚଙ୍କ ପୌରୋହିତ୍ୟରେ 'ଓଡ଼ିଆ ଭାଷା ଓ ସାହିତ୍ୟରେ ଭଦ୍ରକର ନାରୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଇଂରାଜୀ ଅଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ଯୋଗଦେଇ ଓଡ଼ିଆ ସାହିତ୍ୟରେ ଭଦ୍ରକର ନାରୀମାନେ ସୃଜନଶୀଳତା ଓ ବୌଦ୍ଧିକତା ଦ୍ୱାରା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ସମାଜ ବିଜ୍ଞାନ ଅଧ୍ୟାପିକା କବୟିତ୍ରୀ ଡ. ମମତା ସାହୁ, ବରେଣ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଏବଂ କବୟିତ୍ରୀ ମନୋରମା ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦେବେନ୍ଦ୍ର ନାଥ ମହାଲିକ, ବିଜୟ କୁମାର ସାହୁ, ପଦ୍ମନ ରାୟ, ରବିନାରାୟଣ ପଣ୍ଡା, ଡା. ଅନିଲ ଦାସ, ସନାତନ ସାହୁ, ମଦନ ମୋହନ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଶାନ୍ତିଲତା ବାରିକ, ଅଧ୍ୟାପକ ଉମାକାନ୍ତ ମହାଲିକ, ଗୌରାଙ୍ଗ ବାରିକ, ବାବୁଲାଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କବୟିତ୍ରୀ ମମତାରାଣୀ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ କବୟିତ୍ରୀ ଚୈତାଳୀ ଖିଲାର ମଞ୍ଚ ଆମନ୍ତ୍ରଣ କରିଥିଲେ। ବସୁମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମାଟ୍ରିକ୍ ଫଳ: ୫ ହାଇସ୍କୁଲରେ ଶତ ପ୍ରତିଶତ ସଫଳତା

ଭଣ୍ଡାରିପୋଖରୀ,୩।୫
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ୯୮.୪ ପ୍ରତିଶତ ରହିଛି। ବ୍ଲକର ମୋଟ ପରୀକ୍ଷା ଦେଇଥିବା ୧୪୭୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୦୩ଜଣ ସଫଳତା ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପିଟିପୁର ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ପ୍ରାପ୍ତି ପ୍ରିୟଦର୍ଶିନୀ ଦାଶ ୫୬୬ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ସେହି ବିଦ୍ୟାଳୟର ଛାତ୍ର ସୁଜିତ କୁମାର ମଲ୍ଲିକ ୫୫୨, ଅର୍ଣ୍ଣବ କୁମାର ସେନାପତି ୫୪୪, ସାରୋ ଶ୍ୟାମସୁନ୍ଦର ବିଦ୍ୟା ନିକେତନ ଛାତ୍ରୀ ସୁଶ୍ରୀ ସଙ୍ଗୀତା ଦାଶ ୫୪୩, ବିଶ୍ୱକଲ୍ୟାଣ ସେନାପତି ୫୪୦, ବେଲେଗଡ଼ିଆ ହାଇସ୍କୁଲ ଛାତ୍ରୀ ସ୍ୱୟଂପ୍ରଭା ନାୟକ ୫୪୦, ବାଲିପୋଖରୀ ଶୁକଦେବ ଜେନା ହାଇସ୍କୁଲ ଛାତ୍ର ମନ୍ମେନ୍ଦ୍ର ଶଣା ୫୪୦, ଜଳମଣ୍ଡୁଆ ଜୟ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଛାତ୍ରୀ ସୁଶ୍ରୀ ସ୍ୱପ୍ନା ପଣ୍ଡା ୫୪୦, ପିଟିପୁର ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠର ଛାତ୍ର ଓମ୍‌ପ୍ରକାଶ ଦାଶ ୫୪୦, ସତ୍ୟରଞ୍ଜନ ପଣ୍ଡା ୫୪୦ ନମ୍ବର ଓ ଶିବଶଙ୍କର ସେଠୀ ୫୪୦ ନମ୍ବର ରଖିଛନ୍ତି। ତେବେ ବ୍ଲକରେ ୫ ହାଇସ୍କୁଲ ବେଲେଗଡ଼ିଆ ଉଚ୍ଚ ବିଦ୍ୟାଳୟ, ଜଳମଣ୍ଡୁଆ ଜୟଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ, କଣ୍ଟି ଉଚ୍ଚ ବିଦ୍ୟାଳୟ, ଚିଲୁଣ୍ଡିପୁର ଜଗନ୍ନାଥ ହାଇସ୍କୁଲ ଓ ପିଟିପୁର ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠ ଶତ ପ୍ରତିଶତ ସଫଳତା ହାସଲ କରିଛି।

## ଏ-୧ରେ ୨୩ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

ବାସୁଦେବପୁର,୩।୫
(ନାରାୟଣ ପ୍ରସାଦ ବାରିକ୍)

**ମଳୟ ବ୍ଲକ୍ ଟପ୍ପର**



ମଳୟ ବେହେରା।

ଚଳିତବର୍ଷମାଟ୍ରିକ୍‌ପରୀକ୍ଷାରେବାସୁଦେବପୁର ବ୍ଲକର ୨୩ ଛାତ୍ରୀଛାତ୍ର ଏ-୧ରେ ସଫଳତା ହାସଲ କରିଛନ୍ତି। ପିଏମ୍‌ଶ୍ରୀ ଶ୍ରୀଧର ଏକାଦଶୀ ନୋଡାଲ ହାଇସ୍କୁଲର ଛାତ୍ର ମଳୟ ବେହେରା ୫୬୧ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ସେହି ବିଦ୍ୟାଳୟର ଚିରାଗ ଚନ୍ଦନ ଜେନା ୫୬୦ ନମ୍ବର ରଖି ୨ୟ ଓ ବାବାମଣୀ ତୁଳମତୁଳା ହାଇସ୍କୁଲର ଛାତ୍ରୀ ଶାଶ୍ୱତୀ ପଣ୍ଡା ୫୫୩ ନମ୍ବର ରଖି ୩ୟ ହୋଇଛନ୍ତି। ପିଏମ୍‌ଶ୍ରୀ ଶ୍ରୀଧର ଏକାଦଶୀ ନୋଡାଲ ହାଇସ୍କୁଲର ୪ ଛାତ୍ର ଏ-୧ରେ ପାସ୍ କରିଥିବା ବେଳେ ଚୁଡ଼ାମଣି କେସି ହାଇସ୍କୁଲର ୩ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇ ଗୌରବ ଆଣିଛନ୍ତି। ତେବେ ବ୍ଲକର ସର୍ବପୁରାତନ ଏବି ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କୌଣସି ବିଦ୍ୟାର୍ଥୀ ଏ-୧ରେ ପାସ୍ କରି ନ ଥିବାରୁ ସାଧାରଣରେ ନୈରାଶ୍ୟ ଦେଖାଯାଇଛି।

## 'ନିଃସ୍ୱାର୍ଥପର ସେବା କରନ୍ତି ଖବରଦାତା'

ଭଦ୍ରକ,୩।୫(ସନାତନ ରାଉତ)

ଖବରଦାତା ଓ ଗୋସେବକମାନେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସାମ୍ନା କରି ନିଜ ଜୀବନକୁ ବାଜି ଲଗାଇ ନିଃସ୍ୱାର୍ଥପର ସେବା କରିଥାନ୍ତି। ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ରବିବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର କହିଛନ୍ତି। ଏହି ଅବସରରେ ଖବରଦାତା ଓ ଗୋ ସେବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୁବ ଇଞ୍ଜିନିୟର ଦେବାଶିଷ ରାୟ ମହାପାତ୍ରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ପ୍ରଶାସନର ଆଢୁଆଳରେ ରହି ଯାଉଥିବା ବିଭିନ୍ନ ସମସ୍ୟାକୁ ଖବରଦାତାମାନେ ଲୋକଲୋଚନକୁ ଆଣିଥାନ୍ତି। ତଳସ୍ତରର ଲୋକଙ୍କୁ ନ୍ୟାୟ ଦେବା ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଏବଂ ବରିଷ୍ଠ ଖବରଦାତା ନରେନ୍ଦ୍ର ସାମଲ ଯୋଗଦେଇ ଖବରଦାତାଙ୍କ ସୁରକ୍ଷା, ପେନ୍‌ସନ ଆଦି ଦାବି ଉପସ୍ଥାପନ କରିବା ସହ ଭଦ୍ରକରେ ଏକ ସାମ୍ବାଦିକ ଭବନ ଯୋଗାଇ ଦେବାକୁ ଦାବି କରିଥିଲେ। ସେହିପରି ଗୋ ସେବକମାନଙ୍କ ସୁରକ୍ଷା ଓ ଗୋ ରକ୍ଷା ଆଇନ ଆଣିବାକୁ ଦାବି କରିଥିଲେ। ବରିଷ୍ଠ ଖବରଦାତା ଜ୍ଞାନ ପ୍ରକାଶ ପାଣି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ଅବସରରେ ବରିଷ୍ଠ ଖବରଦାତା ଅଶୋକ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସାଇ ସାର୍ଥକ ଧାମନଗର ଟପ୍ପର

ଧୁଷୁରୀ, ୩।୫(ଦୀପ୍ତିରଞ୍ଜନ ନାୟକ)



ସାଇ ସାର୍ଥକ ନାୟକ।

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଧାମନଗର ବ୍ଲକର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନର ଅନେକ ଛାତ୍ରୀଛାତ୍ର 'ଏ-୧' ଗ୍ରେଡ୍ ହାସଲ କରି ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ବ୍ଲକର ମେଧା ତାଲିକାରେ ଶହୀଦନଗର ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ବିଦ୍ୟାଳୟର ସାଇ ସାର୍ଥକ ନାୟକ ମୋଟ ୫୬୦ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଥିବା ବେଳେ ସେହି ବିଦ୍ୟାଳୟର ଭାଗ୍ୟଲକ୍ଷ୍ମୀ ସୂତାର ୫୫୭ ନମ୍ବର ରଖି ୨ୟ ସ୍ଥାନରେ ରହିଛନ୍ତି। ଏଥିସହ ଶୁଭଲକ୍ଷ୍ମୀ ପଣ୍ଡା ମଧ୍ୟ ୫୪୦ ନମ୍ବର ରଖି ବ୍ଲକରେ ୬ଷ୍ଠ ସ୍ଥାନରେ ଅଛନ୍ତି। ବ୍ଲକର ଅନ୍ୟ ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୋରୁଆ-ଗୋବିନ୍ଦପୁର ନୋଡାଲ ହାଇସ୍କୁଲର ତମନ୍ନା ନାୟକ ଏବଂ ଅସୁରାଳିସ୍ଥିତ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆୟୁଷ କୁମାର ମହାପାତ୍ର ୫୫୪ ନମ୍ବର ଲେଖାଏଁ ରଖିଛନ୍ତି। ମହତାବନଗରସ୍ଥିତ ବାପୁଜୀ ନୋଡାଲ ହାଇସ୍କୁଲରୁ ହିତାଂଶୁ ଶେଖର ସାହୁ ୫୪୬, ଶମ୍ଭୁନାଥ ରାଉତ ୫୪୧ ଓ ସ୍ମୃତିରଞ୍ଜନ ଦାସ ୫୪୦ ନମ୍ବର ରଖିଛନ୍ତି। ସେହିପରି ଧାମନଗର ସରକାରୀ ହାଇସ୍କୁଲର ହିବା ଅହମ୍ମଦ ୫୪୦, ଜାହାଙ୍ଗୀର ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟର ଜ୍ୟୋତିରଞ୍ଜନ ପଣ୍ଡା, ପଙ୍ଗଟା ନାରାୟଣୀ ହାଇସ୍କୁଲର ପ୍ରାର୍ଥନାରାଣୀ ନାୟକ ଏବଂ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଘୁନାଥ ନାୟକ ପ୍ରତ୍ୟେକ ୫୪୦ ନମ୍ବର ରଖିଛନ୍ତି।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଧାମନଗର ବ୍ଲକ ନାରାୟଣୀ ହାଇସ୍କୁଲର ଛାତ୍ରୀ ପ୍ରାର୍ଥନା ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧୁଷୁରୀ,୩।୫(ଅନନ୍ତ ସାହୁ)

ମାଟ୍ରିକ ପରୀକ୍ଷାରେ ଧାମନଗର ବ୍ଲକ ନାରାୟଣୀ ହାଇସ୍କୁଲର ଛାତ୍ରୀ ପ୍ରାର୍ଥନା ନାୟକ ୫୪୦ ନମ୍ବର ରଖି ସ୍କୁଲର ଟପ୍ପର ହୋଇଛନ୍ତି। ଏହିସଫଳତା ପାଇଁ ହସନାବାଦ ପଞ୍ଚାୟତ ସମିତିସଭ୍ୟା ଅଭିଲିପ୍ସା ରାଉତ, ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ବସନ୍ତିଆ, ପ୍ରଧାନଶିକ୍ଷକ ବିକ୍ରମ ଶତପଥୀ, ଖବରଦାତା ରତିକାନ୍ତ ନାୟକ ପ୍ରମୁଖ ପ୍ରାର୍ଥନାଙ୍କ ଘରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେ ୧୪ରୁ ୧୬ ଘଣ୍ଟା ପଢୁଥିଲେ। ନିଜର ଅଧ୍ୟବସାୟ, ବାପା ବିପଦ ଭଞ୍ଜନ ନାୟକ, ମା' ଅନ୍ନପୂର୍ଣ୍ଣା ସ୍ୱାଇଁ ଏବଂ ଶିକ୍ଷକଙ୍କ ଆଶୀର୍ବାଦରୁ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ପ୍ରାର୍ଥନା କହିଛନ୍ତି।

## ଚାଙ୍ଗୁଆ ନାଟ୍ୟ ଉତ୍ସବ ଉଦ୍‌ଯାପିତ

ଭଣ୍ଡାରିପୋଖରୀ,୩।୫
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଚାଙ୍ଗୁଆ ଗ୍ରାମରେ ଚାଲିଥିବା ଦୁଇଦିନିଆ ନାଟ୍ୟ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଖବରଦାତା ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ଅଏଲ ଓଡ଼ିଶା ମାର୍କେଟିଂ ପ୍ରମୁଖ ଅମିୟ ଧଳ ଉଦ୍‌ଘାଟନ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଜ୍ଞାନ ବିଶୋଇ, ନାଟ୍ୟକାର ସୁନନ୍ଦନ ଦାସ, ନରେନ୍ଦ୍ର ବେଉରିଆ, ଅରବିନ୍ଦ ନାୟକ, ବିବେକାନନ୍ଦ ମଲ୍ଲିକ, ପୂଜକ ପରୀକ୍ଷିତ ପଣ୍ଡା ଓ ଗ୍ରାମବାସୀ ଲକ୍ଷ୍ମୀଧର ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ନାଟ୍ୟ ଉତ୍ସବର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମାଷ୍ଟର ଜିତୁ ସିଙ୍ଗର ଓ ନାଟ୍ୟ ନିର୍ଦ୍ଦେଶକ ବିଶୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକପ୍ରିୟ ମଞ୍ଚ ନାଟକ 'ତୋ ପ୍ରେମ ଲାଗେ ନୂଆ ନୂଆ' ପରିବେଷଣ ହୋଇଥିଲା। ଧନଞ୍ଜୟ ଦାସ, ଦୁଷ୍ମନ୍ତ ବରାଳ, ବିଶ୍ୱମୋହନ ନାୟକ, ଧର୍ମେନ୍ଦ୍ର ରାଉତ, ଚନ୍ଦ୍ରଶେଖର ବରାଳ, ରାଜେଶ ସାମଲ, ତପନ ନାୟକ, ତୋଫାନ ସାହୁ, ଅମର ଦାସ, ବୁବୁଲା ଦାସ ପ୍ରମୁଖ ଗ୍ରାମ୍ୟ କଳାକାର ଅଭିନୟ କରିଥିଲେ। ନାଟ୍ୟ କମିଟି ସଭାପତି ଶ୍ରୀନିବାସ ରାଉତ, ପରିଚାଳନା ପ୍ରମୁଖ କମଳାକାନ୍ତ ସାମଲ, ସମ୍ପାଦକ କାହ୍ନୁ ଦାସ, ରବି ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଏ-୧ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ତୋଡ଼ଙ୍ଗା ପିତାମ୍ବରୀ ଉଚ୍ଚ ବିଦ୍ୟାଗିରି ଛାତ୍ରୀ ଅଙ୍କିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଣ୍ଡାରିପୋଖରୀ,୩।୫
(ରାଜେନ୍ଦ୍ର ଶତପଥୀ)

ବାରିକପୁର ନିକଟ ତୋଡ଼ଙ୍ଗା ପିତାମ୍ବରୀ ଉଚ୍ଚ ବିଦ୍ୟାଗିରି ଛାତ୍ରୀ ଅଙ୍କିତା ବେହେରା ମାଟ୍ରିକ୍ ପରୀକ୍ଷାରେ ୫୫୬ ନମ୍ବର ହାସଲ କରି କୃତିତ୍ୱ ଅର୍ଜନ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦିନେଶ କୁମାର ଦାସଙ୍କ ସଂଯୋଜନାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା ସମିତିର ସଦସ୍ୟା ସଦସ୍ୟ ଯୋଗଦେଇ ସଫଳତା ଅର୍ଜନ କରିଥିବା ଅଙ୍କିତାଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ୨ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, ୩।୫(ରବିନାରାୟଣ ଖିଲାର)

ଭଦ୍ରକ ମିର୍ଜାପୁର ନାଥସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ୨ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ଏବଂ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି କରଙ୍କ ସଂଯୋଜନା ଏବଂ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରି ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ଇଂ. ଅଭୟ ସୂତାର ମୁଖ୍ୟବକ୍ତା, ଶିକ୍ଷାବିତ୍ ଗୀତାରାଣୀ ଆଇଚ, ହରେକୃଷ୍ଣ ଜେନା ଓ ପୂର୍ବତନ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଭାସ୍କର ଚନ୍ଦ୍ର ପଣ୍ଡା, ଦ୍ରୌପଦୀ ସାହୁ, କୈଳାସ ଚନ୍ଦ୍ର ଜେନା, ମହେଶ୍ୱର ନାଥ, ଅରୁଣ କୁମାର ମଲ୍ଲିକ, ରଶ୍ମିତା ଦାଶ, ରତ୍ନାକର ପଣ୍ଡା, ସମୀର କୁମାର ଜେନା, ମୀନା କୁମାରୀ ଦାସ, ମଧୁମିତା ମାଝୀ, ଲକ୍ଷ୍ମୀପ୍ରିୟା ମୁର୍ମୁ, ଜାନକୀ ପାଢ଼ୀ, ମନୋରମା ରାୟ, ପ୍ରଣତୀ ମଲ୍ଲିକ, ଦେବସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଜନ ଆକ୍ରୋଶ ମହିଳା ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା ମହିଳା ମୋର୍ଚ୍ଚା ନେତ୍ରୀମାନେ।

ବାସୁଦେବପୁର,୩।୫
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଭାଜପା ନଗର ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ଅପରାହ୍ନରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରୁଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ୩ଶହରୁ ଊର୍ଦ୍ଧ୍ୱ ମହିଳା ବ୍ଲକ୍‌ରୋଡ୍‌ସ୍ଥିତ ହନୁମାନ ବାଟିକା ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ବାସୁଦେବପୁର ଟ୍ରାଫିକ ଛକଠାରେ କୁଶପୁତ୍ତଳିକା ଦାହ କରିଥିଲେ। ମହିଳା ମୋର୍ଚ୍ଚା ସଭାନେତ୍ରୀ ଦମୟନ୍ତୀ ଦ୍ୱିବେଦୀ, ମଞ୍ଜୁଲତା ସାହୁ, ରଶ୍ମିତା ନାୟକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। ଭାଜପା ବିଧାନସଭା ନେତା ବାଣୀକଲ୍ୟାଣ ମହାନ୍ତି, ଉମାକାନ୍ତ ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ନାୟକ, ମଧୁସୂଦନ ପାଢ଼ୀ, ଭଗବାନ ମହାନ୍ତି, ସୁଶାନ୍ତ ବେହେରା, ସସ୍ମିତ ମହାନ୍ତିଙ୍କ ସମେତ ଦଳୀୟ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ। ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରାଯିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ମହିଳା ମୋର୍ଚ୍ଚା ନେତ୍ରୀମାନେ ମତ ରଖିଥିଲେ।

## ରଜ ମହୋତ୍ସବ ପ୍ରସ୍ତୁତି

ବନ୍ତ,୩।୫(କିଶୋର କୁମାର ସେଠୀ)

ବନ୍ତ ବ୍ଲକର ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ ପାଇଁ ରବିବାର ଅପରାହ୍ନରେ ନିମାପଡ଼ାସ୍ଥିତ କପାଳୀକ୍ଷେତ୍ର ଶାନ୍ତିବନ ପଡ଼ିଆରେ ରଜ ମହୋତ୍ସବ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶୁଭେନ୍ଦୁ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମହୋତ୍ସବକୁ ଶୃଙ୍ଖଳିତ କରିବା ପାଇଁ କମିଟି ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ୧୨ଜଣିଆ ଆଡ୍‌ଭାଇଜରୀ କମିଟି ଓ ୧୮ଜଣିଆ ମ୍ୟାନେଜିଂ କମିଟି ଗଠନ କରାଯାଇଛି। ପ୍ରକାଶ ଚନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ସାମଲ, ଅଜୟ କୁମାର ପୃଷ୍ଟି, ସୂର୍ଯ୍ୟମଣି ରାଉଳ, ଗଣେଶ ପ୍ରସାଦ କରଶର୍ମା, ଡ.ମୂରଲୀଧର ସୂତାର, ଭାଗୀରଥି ସେଠୀ, ପୂର୍ଣ୍ଣଚନ୍ଦ୍ର ରାଉତ, ମାଧବାନନ୍ଦ ଦାସ, ଶୁଭେନ୍ଦୁ ମିଶ୍ର, ହୃଷୀକେଶ ମିଶ୍ର, ଶ୍ୟାମସୁନ୍ଦର ଯେନା, ସନାତନ ସେଠୀ, ଅଜୟ କୁମାର ପୃଷ୍ଟି, ନକୁଳ ଚନ୍ଦ୍ର ବାରିକ, ବିଜୟ ବିଶ୍ୱାଳ, ସତ୍ୟସୁନ୍ଦର ପରିଡ଼ା, ସୌଭାଗ୍ୟ ରଞ୍ଜନ ନାୟକ, ଉମାକାନ୍ତ ରାଉତଙ୍କ ସମେତ ବହୁ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

## ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ

ଭଦ୍ରକ, ୩।୫(ରବିନାରାୟଣ ଖିଲାର)




ମହୋତ୍ସବରେ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିମାନେ।

ମା' ଏକ ଶବ୍ଦ ନୁହେଁ, ଏକ ସ୍ନେହାପ୍ଲୁତ ପବିତ୍ର ଭାବନା। ମାଟି କେବଳ ଭୂମି ନୁହେଁ, ଏହା ଆମ ପରିଚୟ। ମା' ଆମକୁ ଜନ୍ମ ଦେଇ ଦୁନିଆର ଆଲୋକ ଦେଖାନ୍ତି ଏବଂ ମାଟି ବଞ୍ଚିବାର ଉପାଦାନ, ଭାଷା, ସଂସ୍କୃତି ଓ ପରିଚୟ ଦିଏ। ଭଦ୍ରକ ସହର କଚେରି ବଜାରସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ-୨୦୨୬ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମତବ୍ୟକ୍ତ କରିଥିଲେ। ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି, ଭଦ୍ରକର ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ଏବଂ ଭୂମିକନ୍ୟା ମହିଳା ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ଉତ୍ସବର ଶୁକ୍ରବାର ଉଦ୍‌ଘାଟନ ସମାରୋହରେ ସଭାନେତ୍ରୀ କଳ୍ପନା ଜେନା ପୌରୋହିତ୍ୟ କରିଥିଲେ। ସେବାନିବୃତ୍ତ ପ୍ରାଧ୍ୟାପିକା ତଥା ଅଧିବକ୍ତା ଡ. ରାଧାରାଣୀ ମହାପାତ୍ର ମୁଖ୍ୟବକ୍ତା, ଭୂମିକନ୍ୟା ମହିଳା ସଙ୍ଗଠନ ଓଡ଼ିଶାର ସଭାନେତ୍ରୀ ସଂଯୁକ୍ତା ବଳନାୟକ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ସମ୍ପାଦିକା ଅଞ୍ଜନା ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ତତୀର୍ଥ ଇରମ ଗୁଳିକାଣ୍ଡର ମହିଳା ଶହୀଦ ପରିବେୱାଙ୍କ ସ୍ମୃତିରେ ଉଦ୍‌ଘାଟନୀ ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ଅଧକ୍ଷା ଦୀପ୍ତିମୟୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟିର ଉପସଭାପତି, ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସଂଗୀତ ପରିବେଷଣ କରିଥିଲେ। ଅଧିବକ୍ତା ଅଞ୍ଜୁବାଳା ରାଉତ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟିର ସଭାପତି ଇଂ. ଅଭୟ ସୂତାର, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ପ୍ରମୁଖ ପରିଚାଳନା କରିଥିଲେ। ଭଦ୍ରକ ମନମୋହନ ସଂଗୀତ ପରିଷଦ ଓ ଦର୍ଶନ ସାଂସ୍କୃତିକ ଏକାଡେମୀର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୭ ଦିନ ଧରି ମହୋତ୍ସବ ଚାଲିବାକୁ ଥିବାବେଳେ ବିଭିନ୍ନ ପ୍ରତିଯୋଗିତା, କବିତା ପାଠ, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ରହିଛି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ମାଙ୍କିଡ଼ିଆ ଜନଜାତି ପରିବାର

**କପ୍ତିପଦା,୩।୫(ବିଷ୍ଣୁ ଚରଣ ପୁଥାଳ)**

ସରକାର ବିଭିନ୍ନ ଅନୁସୂଚୀତ ଜାତି ଓ ଜନଜାତି ଲୋକମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବାସ୍ତବରେ ତାହା ଲୋକଙ୍କ ପାଖରେ ପହଞ୍ଚି ପାରୁନି। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଜେଏସ୍ ଜାମଡ଼ିହା ପଞ୍ଚାୟତର ବାଲିପୋଷି ଦାମାସାହି ଓ ଉଠାଣିସାହି ହିଲ୍ବ୍ଲକ-୧୭୧ ଗ୍ରାମରେ ବସବାସ କରୁଥିବା ପ୍ରାୟ ୯୨ ପରିବାର ମାଙ୍କିଡ଼ିଆ ଜନଜାତି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ଦାମାସାହି ମାଙ୍କିଡ଼ିଆ କଲୋନୀରେ ବସବାସ କରୁଥିବା ୨୨ ପରିବାର କିଏ ପଲିଥିନ୍ ଟାଣି ରହିଛି ତ କିଏ ଚାଳ ଛପର ଘରେ ରହିଛି। ଏହି ଗ୍ରାମରେ ବାସନ୍ତୀ ମାଙ୍କିଡ଼ିଆ ୩ବର୍ଷ ପୂର୍ବରୁ ସ୍ୱାମୀଙ୍କୁ ହରାଇ ୩ ସନ୍ତାନ ସହ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ତାଙ୍କର ଆଧାରକାର୍ଡ ନ ଥିବାରୁ ସେ ନା ପାଇପାରୁଛନ୍ତି ବିଧବା ଭତ୍ତା ନା ସାମିଲ୍ ହୋଇ ପାରିଛନ୍ତି ଖାଦ୍ୟ ସୁରକ୍ଷା ଯୋଜନାରେ। ସେହିପରି ବାଇନ ମାଙ୍କିଡ଼ିଆଙ୍କ ପରିବାର ପାଉଥିବା କେବଳ ରାଶନ ଚାଉଳରେ ଗୁଜୁରାଣ ମେଣ୍ଟାଉଛନ୍ତି। ଆଷାଢ଼ି ମାଙ୍କିଡ଼ିଆ ମଧ ସରକାରୀ ଯୋଜନାରୁ ବାଦ୍ ପଡ଼ିଛନ୍ତି। ଏହି କଲୋନୀରେ ଅଧିକାଂଶ ଲୋକଙ୍କ ଆଧାର କାର୍ଡ ନ ଥିଲା । ସ୍ଥାନୀୟ ସରପଞ୍ଚ ସବିତା ସିଂଙ୍କ ଉଦ୍ୟମ କ୍ରମେ କେତେଜଣଙ୍କର ଆଧାର କାର୍ଡ ହୋଇଛି। ସେହିପରି ଉଠାଣିସାହି ମାଙ୍କିଡ଼ିଆ କଲୋନୀରେ ବସବାସ କରୁଥିବା ୭୦ ପରିବାର ସମାନ ଦଶା ଭୋଗୁଛନ୍ତି।

ପ୍ରକାଶ ଥାଉକି, ୨୦୦୯ରେ ଏହି ଜନଜାତିର ପ୍ରଥମ ମାଟ୍ରିକ୍ ପାସ୍ କରିଥିବା ବାୟା ମାଙ୍କିଡ଼ିଆଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ପ୍ରମୁଖ ଶୁଭେଚ୍ଛା ଜଣାଇଲେ। ରାଜ୍ୟ ତଥା ଜାତୀୟସ୍ତରରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ତତ୍କାଳୀନ ଜିଲାପାଳ ଆଶ୍ୱତି ଏସ୍ ଏବଂ ଉପଜିଲାପାଳ ସୋରଜ କୁମାର ସେଠୀ ଏହି କଲୋନୀକୁ ଆସି ମାଙ୍କିଡ଼ିଆ ଜନଜାତିର ଉନ୍ନତି ତଥା ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଯାଇଥିଲେ। ଏଥିନେଇ



ଚାଳଛପର ଘରେ ରହୁଥିବା ଜଣେ ମହିଳା।

ପ୍ରଶାସନ ପକ୍ଷରୁ ଉକ୍ତ କଲୋନୀରେ ଅଙ୍ଗନୱାଡି କେନ୍ଦ୍ର ଓ ପ୍ରାଥମିକ ଶିକ୍ଷା କେନ୍ଦ୍ର ଖୋଲାଯାଇଥିଲା। ପ୍ରାୟତଃ କିଛି ପରିବାରକୁ ଇନ୍ଦିରାଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଥିଲା। କିନ୍ତୁ ଉକ୍ତ ଘରଗୁଡ଼ିକ ସେମାନେ ନିଜେ ତିଆରି କରିବାକୁ ଅସମର୍ଥ ହେବାରୁ ଜଣେ ଠିକାଦାର ସେଗୁଡ଼ିକ ନିର୍ମାଣ କରୁଥିଲେ । ଘର ନିର୍ମାଣ ଅଧାପନ୍ତରିଆ ହୋଇଥିବା ବେଳେ ଉକ୍ତ ଠିକାଦାର ଘର ସମ୍ପୂର୍ଣ୍ଣ ନ କରି ଛାଡ଼ି ଚାଲିଯାଇଥିଲେ । ଯାହାଫଳରେ ସେହି ଅଧାପନ୍ତରିଆ ଘରଗୁଡ଼ିକ ବର୍ତ୍ତମାନ ମାଟିରେ ମିଶିବାକୁ ବସିଲାଣି। ଏଣୁ କଲୋନୀବାସୀ ତଥା ସ୍ୱଳ୍ପ ରୋଜଗାରରେ ଚାଳଛପର ଓ ପାଲଟାଣି ରହିବାକୁ ବାଧ ହେଉଛନ୍ତି । ଯାହାଫଳରେ ସେମାନଙ୍କ ପାଇଁ ଖରା ବର୍ଷା ଶୀତ ଦେହସୁଆ ହୋଇଗଲାଣି ।

ରୋଜଗାର କହିଲେ ନିଜସ୍ୱ କୌଳିକ ବୃତ୍ତି ଜଙ୍ଗଲକୁ ଶିଆଳି ଲତାର ଦଉଡ଼ି ତିଆରି କରି ଯାହା ମିଳୁଥିଲା ସେଥିରେ ନିଜର କୁଟୁମ୍ବ ପ୍ରତିପୋଷଣ କରୁଥିଲେ। ସରକାର ଉକ୍ତ ଲତା ସଂଗ୍ରହ କରିବାରେ ବାରଣ କରିବାରୁ ପ୍ଲାଷ୍ଟିକ୍ ଅଖାରୁ ସୁତା ବାହାର କରି ସେମାନେ ସେଥିରେ ଦୌଡ଼ି ଓ ଶିକା ପ୍ରସ୍ତୁତ କରି ବିକ୍ରି କରି ଚଳୁଛନ୍ତି। ଆଉ କେତେକ ପରିବାର ମୂଲ ମଜୁରୀ ଲାଗି ପେଟ ପୋଷୁଛନ୍ତି। ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଏମାନଙ୍କ ପାଖରେ ଅପହଞ୍ଚ ହୋଇ ରହିଯାଇଛି। ପାଠ ପଢ଼ିବା ପାଇଁ ମାଙ୍କିଡ଼ିଆ ଜନଜାତି ପିଲାମାନଙ୍କ ଆଗ୍ରହ ଥିଲେ ମଧ୍ୟ ପରିବାର ପ୍ରତିପୋଷଣ ଚିନ୍ତାରେ ସେମାନେ ପରର ମୂଲ ଲାଗୁଛନ୍ତି ।

ଏ ସମ୍ପର୍କରେ କପ୍ତିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେଶ୍ମା ଟେଟେଙ୍କୁ ପଚାରିବାରୁ କପ୍ତିପଦାର ଯୋଗଦାନ କରିବା ପରେ ଏଭଳି ଅଭିଯୋଗ ତାଙ୍କ ନଜରକୁ ଆସିନାହିଁ। ତେବେ ଖୁବ୍ ଶୀଘ୍ର ଉକ୍ତ ମାଙ୍କଡ଼ିଆ ଜାତି କଲୋନୀକୁ ଯାଇ ସର୍ଭେ କରି ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଜିଲା ପ୍ରସାଶନ ତୁରନ୍ତ ଏହି ମାଙ୍କିଡ଼ିଆ ଜନଜାତିଙ୍କ ପ୍ରତି ଦୃଷ୍ଟି ଦେଇ ସେମାନେ ବଞ୍ଚିତ ଥିବା ସରକାରୀ ସୁବିଧାଗୁଡ଼ିକ ଯୋଗାଇ ଦେବାକୁ ଦାବି ହେଉଛି।

# ୨ୟ ରାଉଣ୍ଡରେ ମୟୂରଭଞ୍ଜ ଦଳ



ମୟୂରଭଞ୍ଜ ଜିଲାର ଖେଳାଳିମାନେ।

**ହକି ପ୍ରତିଯୋଗିତା**

**ବାରିପଦା,୩।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ହକି ଆସୋସିଏଶନ ଓଡ଼ିଶା ଦ୍ୱାରା ଆୟୋଜିତ ପଞ୍ଚମ ସଂସ୍କରଣ ହକି ପ୍ରତିଯୋଗିତାର ଜୁନିଅର ବାଳକ ବିଭାଗରେ ମୟୂରଭଞ୍ଜ ଜିଲା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ମୋରଡ଼ା ବ୍ଲକ ଅଧୀନ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ହକି ଗ୍ରାସରୁଟ୍ସ ସେଣ୍ଟର ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ଏହି ସଫଳତା ହାସଲ କରିଛି ।

ଉକ୍ତ ପ୍ରତିଯୋଗିତାର ଏକ ରୋମାଞ୍ଚକର ମ୍ୟାଚରେ ମୟୂରଭଞ୍ଜ ଦଳ ଝାରସୁଗୁଡା ଜିଲାକୁ ୩-୦ ଗୋଲରେ ପରାଜିତ କରି ଦ୍ୱିତୀୟ ରାଉଣ୍ଡକୁ ଯୋଗ୍ୟତା ହାସଲ କରିଛି। ମ୍ୟାଚ ଆରମ୍ଭରୁ ମୟୂରଭଞ୍ଜ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମାର୍ଦ୍ଧରୁ ହିଁ ନିଜର ଦବଦବା ଜାହିର କରିଥିଲା । ଦଳ ପକ୍ଷରୁ ରାଜେନ ଟୁଡୁ ଦୁଇଟି ଚମତ୍କାର ଗୋଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଘାସିରାମ ହେମ୍ବ୍ରମ ମଧ୍ୟ ଗୋଟିଏ ଗୋଲ କରି ଦଳର ସ୍କୋରକୁ ଆଗକୁ ବଢ଼ାଇ ବିଜୟ ସୁନିଶ୍ଚିତ କରିଥିଲେ। ଦଳର ଗୋଲରକ୍ଷକ ଓ ଅନ୍ୟ ଖେଳାଳିମାନେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରତିପକ୍ଷଙ୍କୁ କୌଣସି ଗୋଲ କରିବାର ସୁଯୋଗ ଦେଇ ନ ଥିଲେ। ଉଲ୍ଲେଖଯୋଗ୍ୟ, ଜିଲା କ୍ରୀଡା ଅଧିକାରୀ ଡ. ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଏହି ହକି ଗ୍ରାସରୁଟ୍ସ ସେଣ୍ଟରଟି ସଫଳତାର ସହିତ ପରିଚାଳିତ ହେଉଛି। ଏହି ଅବସରରେ ଡ. ନାୟକ କହିଛନ୍ତି ଯେ, ଏହିପରି ସଫଳତା ଜିଲାର ଗ୍ରାମୀଣ ଅଞ୍ଚଳରେ ଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗକୁ ଆଣିବାରେ ବହୁତ ବଡ଼ ଭୂମିକା ଗ୍ରହଣ କରୁଛି। ସେ ଏହି ସଫଳତା ପାଇଁ ସମସ୍ତ ଖେଳାଳି, କୋଚ ଡେଭିଡ ସୋରେଙ୍ଗ ଓ ସମସ୍ତ ସହଯୋଗୀ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅଷ୍ଟ ପ୍ରହର ନାମଯଜ୍ଞ

**ଉଦଳା,୩।୫(ସନ୍ତୋଷ କୁମାର ବାଛିନୀ)**

ଉଦଳା ହାଇସ୍କୁଲ ଛକ ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆରେ ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ଦୁଇ ଦିବସୀୟ ଅଷ୍ଟ ପ୍ରହର ନାମଯଜ୍ଞ ଶନିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ବାଲେଶ୍ୱର ଜିଲାର ବଗଲପୁର, ପଞ୍ଚଲିଙ୍ଗେଶ୍ୱର ଏବଂ ବାଗୁଡ଼ି ସଂକୀର୍ତ୍ତନ ଦଳ ପକ୍ଷରୁ ଅହୋରାତ୍ର ସଂକୀର୍ତ୍ତନ ମହାମନ୍ତ୍ର ଗାନ କରାଯାଇଥିଲା। ମଣ୍ଡପରେ ଶ୍ରୀକୃଷ୍ଣ ଜନ୍ମ, କୃଷ୍ଣ ସୁଦାମା କାହାଣୀ ଭଳି ବହୁ ଆକର୍ଷଣୀୟ ନାଟ୍ୟ ରୂପାନ୍ତର ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରଥମ ଦିବସରେ ଘଟୋଉଳନ ପରେ ଯଜ୍ଞ ମଣ୍ଡପରେ ଅଧିବାସ ପରେ ମହାମନ୍ତ୍ର ଆରମ୍ଭ ହୋଇଥିଲା। ତ୍ରିନାଥ ଗୋସାଇଁ କମିଟି ତରଫରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। କମିଟିର ବରିଷ୍ଠ ସଦସ୍ୟ ଅମୀୟ କୁମାର ବଳ, ବିଜନ ନାୟକ, ଆଶିଷ ମହାନ୍ତି, ମୁରଲୀ ଶିଅଳ, ରାମଚନ୍ଦ୍ର ବେହେରା, ଦିଲ୍ଲୀପ ପ୍ରମାଣିକଙ୍କ ସହିତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଡିକେନ୍ସ ବେହେରା, ମଧୁସୂଦନ ଦାସ ଓ ବିଭୁଦତ୍ତ ମହାନ୍ତି ପ୍ରମୁଖ କର୍ତ୍ତା ଭାବେ କାର୍ଯ୍ୟ ସମ୍ପନ୍ନ କରିଥିଲେ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ




ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା,୩।୫ (ବିଷ୍ଣୁ ଚରଣ ପୁଥାଳ)**

କପ୍ତିପଦା ବ୍ଲକ ଅଧୀନ ଶରତଠାରେ ଗତ ୧ତାରିଖଠାରୁ ୩ଦିନ ଧରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୨ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସାନ୍ତାଳ ଲିଟିରେଚର ଡେଭଲପ୍ମେଣ୍ଟ ସୋସାଇଟ୍ର ସଭାପତି ଶୈଳେନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଜୟନ୍ତୀ ପାଳିତ ହୋଇଥିଲା। ମାଝିବାବା ପ୍ରିଥି ମାଣ୍ଡିଙ୍କ ଆବାକତ୍ୱରେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟରେ ଥିବା ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା ଯୋଗଦେଇ ପତକା ଉତ୍ତୋଳନ କରିଥିଲେ । ପରେ କଲେଜ ଛକ ନିକଟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ଏହି ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡ. ପଣ୍ଡା ଯୋଗଦେଇ ସାନ୍ତାଳ ସଂସ୍କୃତିର ମହାନ ପରମ୍ପରା ବାବଦରେ ଉଦ୍ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ସିଂ, ଅନ୍ତଃଦୟ ଚେତନା ମଣ୍ଡଳର ପୀତାମ୍ବର ସାହୁ, ଶିକ୍ଷକ ଲାଲ୍ମୋହନ ମାରଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଦିନରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍ଯାପନୀ ଉତ୍ସବରେ ଭୀମୱାର ମୁର୍ମୁ, ରାମଚନ୍ଦ୍ର ଟୁଡୁ, ରିତେଶ ଟୁଡୁ, ଶିବନାରାୟଣ ହେମ୍ବ୍ରମ, ବିରନ୍ ତିଉ, ଦୁମ୍ଭି ସିଂ, ଲାଇମୋହନ ବାନରା, ଲାଦୁଗୁ ସୁରିନ୍, ସାଲଖାନ ମୁର୍ମୁ ପ୍ରମୁଖ ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଶୈଳୀ ଉପରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଧର୍ମାଧନ୍ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ।

# ରିଲ୍ସ ପ୍ରତିଯୋଗୀ ପୁରସ୍କୃତ

**ବାରିପଦା,୩।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାର ମୌଳିକ ସମସ୍ୟାକୁ ନେଇ ଭଞ୍ଜସେନା ପକ୍ଷରୁ ହୋଇଥିବା ରିଲ୍ସ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ବାରିପଦା ଦାରଗାଡାହି ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ରାୟ ଯୋଗ ଦେଇଥିଲେ। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗଦାନ କରି ଜିଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟ ସ୍ଥଳୀଗୁଡ଼ିକୁ ନେଇ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ଗୁଡିକର ଉଚିତ୍ ବ୍ୟବସାୟୀକରଣ, କୁଟୀର ଶିଳ୍ପ ମାଧ୍ୟମରେ ବେକାରୀ ସମସ୍ୟାରେ ଜର୍ଜରିତ ଜିଲାର ବେରୋଜଗାରମାନଙ୍କୁ ରୋଜଗାରକ୍ଷମ କରିବା ଓ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ବାବଦରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଏହି ଅବସରରେ ରିଲ୍ସ ପ୍ରତିଯୋଗୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ପୁରସ୍କାର ୧ଲକ୍ଷ ୫୦ ହଜାର, ୨ୟ ପୁରସ୍କାର ୧ଲକ୍ଷ ୨୫ହଜାର, ୩ୟ ପୁରସ୍କାର ୧ଲକ୍ଷ, ୪ର୍ଥ ପୁରସ୍କାର ୭୫ ହଜାର, ୫ମ ପୁରସ୍କାର ୫୦ହଜାର ଏବଂ ୧୦ ଜଣଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନା ମୂଳକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରଫେସର ରଞ୍ଜିତ ସାହୁ ସଭା ପରିଚାଳନା କରିଥିଲେ। ସଂଗଠନ ତରଫରୁ ଜିଲା ସଭାପତି ପିଣ୍ଟୁ ମାଇତିଙ୍କର ନେତୃତ୍ୱରେ ବାରିପଦା ଅମ୍ବିକା ମନ୍ଦିର ସମ୍ମୁଖରୁ ଅପରାହ୍ନ ୫ଟାଠାରୁ ଏକ ବାଇକ୍ ରାଲି ବାହାରି ବଜାର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ଅଧ୍ୟକ୍ଷ ସଞ୍ଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧ୍ୟକ୍ଷ କନିକା ବୋଷ, ଦକ୍ଷିଣା ମହାନ୍ତ, ଜିଲା ସଭାପତି ପିଣ୍ଟୁ ମାଇତି, ଜିଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲା ଆବାହକ ରାକେଶ ବେହେରା, ଜିଲା ସଂଯୋଜକ ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲା ଯୁବଶାଖା ସଭାପତି ଏସ.କେ. ରାଜାଖାନଙ୍କ ସମେତ ବହୁ କର୍ମକର୍ତ୍ତା ନେତୃତ୍ୱ ନେଇଥିଲେ। ଆନ୍ତର୍ଜାତୀୟ ୟୁଟ୍ୟୁବର ତଥା ବ୍ଲଗର ଲବ ହାଁସଦା, ଅଭିନେତା ତାପସ ପାଢୀ ପ୍ରମୁଖ ମଧ୍ୟ ସାମିଲ ଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ବାରିପଦା,୩।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରଞ୍ଜନ କୁମାର ତରେଇଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ମୁଖ୍ୟ ପାତ୍ରନ ଭାବେ ଅତିରିକ୍ତ ଜିଲାପାଳ ତଥା ପରିଚାଳନା କମିଟିର ସଭାପତି ଦୁଃଖବନ୍ଧୁ ନାୟକ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ କିଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ମନୋଜ କୁମାର ସଦୁଆଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେବଳ ଡିଗ୍ରୀ ନୁହେଁ, ସଫଳତା ପାଇଁ ଆବଶ୍ୟକ ସୁଦୃଢ଼ ପ୍ଲେସମେଣ୍ଟ ବ୍ୟବସ୍ଥା ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଜିଲା ବାର୍ ଆସୋସିଏସନ ସଭାପତି ଜ୍ୟୋତିପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ଡ. ପୁଷ୍ପାରାଣୀ ପାତ୍ର, ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ରୁପଶ୍ରୀ ବାରିକ ଏବଂ ଆଇନ ପରାମର୍ଶଦାତା ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ସିନେଟ ସଭ୍ୟ ଅରୁପ କୁମାର ଦେଓ ଏହି ଅବସରରେ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ଆନନ୍ଦିତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷକ ଭାବେ ଭକ୍ତଚରଣ ସୋରେନ, ଜୟଶ୍ରୀ ମିଶ୍ର, ଶ୍ରେଷ୍ଠ ଗବେଷକ ଧୀରେନ୍ଦ୍ର ବେହେରା, ଶ୍ରେଷ୍ଠ ଅଣ-ଶିକ୍ଷକ କର୍ମଚାରୀ ତାପସ ରଞ୍ଜନ ଜେନା ଓ ଅତୁଲ କୁମାର ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୨୦୨୫-୨୬ ବର୍ଷର ଶ୍ରେଷ୍ଠ ଛାତ୍ର ପାଇଁ ଆଶିଷ କୁମାର ବେହେରା ଓ ନମିତା ଗିରଙ୍କୁ ସମ୍ମାନିତ କରାଯାଇଛି। ବର୍ଷର ଶ୍ରେଷ୍ଠ ଷ୍ଟାର୍ ଛାତ୍ର ନିତିଶ ଭରଦ୍ୱାଜ। ଅନ୍ୟାନ୍ୟ ପୁରସ୍କାର ଭିତରେ ତେଜସ୍ୱିନୀ ସାହୁ (ଶ୍ରେଷ୍ଠ ଛାତ୍ରୀ), ଦେବସ୍ମିତା ଦଳବେହେରା (ଶ୍ରେଷ୍ଠ ଗବେଷକ) ଏବଂ ଦିବ୍ୟଜ୍ୟୋତି ଦଳବେହେରା (ସହକାରୀ ଗବେଷକ)। ମୁଟ କୋର୍ଟ ପ୍ରତିଯୋଗିତାରେ ପ୍ରଥମ ବକ୍ତା - ନମିତା ଗିରି, ଦ୍ୱିତୀୟ ବକ୍ତା - ଆଶିଷ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଛି। ସଭା ଶେଷରେ ଅଧ୍ୟାପିକା ଶ୍ରାଦ୍ଧା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶିଷ କୁମାର ବେହେରା ଓ ଅଧ୍ୟାପିକା ଜୟଶ୍ରୀ ମିଶ୍ର ସଞ୍ଚାଳନ କରିଥିଲେ।

# ବେକରେ ଶାଢ଼ି ଗୁଡ଼ାଇ ହୋଇ ନାବାଳକ ମୃତ

**ଉଦଳା,୩।୫(ସନ୍ତୋଷ କୁମାର ବାଛିନୀ)**

**ଦୋଳି ସାଜିଲା କାଳ**

ଉଦଳା ଥାନା ଜଗନ୍ନାଥୀ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଦୋଳିରେ ଝୁଲୁଥିବା ବେଳେ ବେକରେ ଶାଢ଼ି ଗୁଡ଼ାଇ ହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ହେଲେ ଉକ୍ତ ଗ୍ରାମର ଦୁର୍ଗା ମୁର୍ମୁଙ୍କ ସାନପୁଅ ସତ୍ୟ। ଘର ବାଡ଼ିରେ ଥିବା ଏକ ଆତ ଗଛରେ ଅପରାହ୍ନ ୫ଟା ସମୟରେ ଶାଢ଼ିରେ ହୋଇଥିବା ଦୋଳିରେ ବସି ସେ ଝୁଲୁଥିଲେ। ପରିବାର ଲୋକେ ନିଜ ନିଜ କାମରେ ବ୍ୟସ୍ତ ଥିଲା ବେଳେ ଶାଢ଼ି ତାଙ୍କ ବେକରେ ଗୁଡ଼ାଇ ହୋଇ ଯାଇଥିଲା। ଫଳରେ ସେ ଝୁଲନ୍ତା ଅବସ୍ଥାରେ ରହି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ମେଡିକାଲକୁ ଚିକିତ୍ସା ନିମନ୍ତେ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଉଦଳା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

**ବାରିପଦା,୩।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କମିଟି ପାଲବାଣୀ ବାରିପଦା ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ଜୟନ୍ତୀ ଅବସରରେ ଏକ ବିଶାଳ ସଂସ୍କୃତିକ ସମାବେଶ ସ୍ଥାନୀୟ ଷ୍ଟେଶନ ଆଥଲେଟିକ ପଡିଆଠାରେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ଉପ ସଭାପତି ପ୍ରଣବ ପ୍ରକାଶ ଦାସ, ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଦେବାଶିଷ ମାର୍ଣ୍ଡି, ବାରିପଦା ମ୍ୟୁନିସିପାଲିଟି ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ପୂର୍ବତନ ଜିଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କେମିଷ୍ଟ, ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ଉପସ୍ଥିତ ଅତିଥିମାନେ।

**ବାରିପଦା,୩।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ବାରୁଣୀ ରୋଡ୍ସ୍ଥିତ ମୟୂରଭଞ୍ଜ କେମିଷ୍ଟ ଭବନ ପରିସରରେ ମୟୂରଭଞ୍ଜ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡ୍ରଗିଷ୍ଟ ପରିବାରର ଦିବଂଗତ ଚୌଧୁରୀ ପ୍ରବୀର ଦାସଙ୍କ ସ୍ମୃତିରେ ୨ ଜଣ ମହିଳାଙ୍କ ସମେତ ମୋଟ ୧୭୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟ ରଞ୍ଜନ ନାଏକ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ କୁମାର ସାହୁ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ସିଦ୍ଧାର୍ଥ ମହାନ୍ତି, ଦୁର୍ଗା ପ୍ରସାଦ ମିଶ୍ର, ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ସଭାପତି ବିକାଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ମାନସ ରଞ୍ଜନ ମହାନ୍ତି, ଅମୀୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ନରେଶ କୁମାର ଅଗ୍ରୱାଲ ତଥା ସଦସ୍ୟ ଡ. ନାରାୟଣ ବେହେରା, ତପନ ବସା, ନୟନ ଦାସ, ବିବେକାନନ୍ଦ ଶେଜପଡା, ଭବାନୀ ଶଙ୍କର ରାଉତ, ସୁନିତ ସାକୁନିଆ, ସୁଶାନ୍ତ ପୃଷ୍ଟି, ଆଶିଷ ସାକୁନିଆ ପ୍ରମୁଖ ଶିବିରର ଆୟୋଜନ କରିଥିଲେ। ବାରିପଦା ରକ୍ତ କେନ୍ଦ୍ରର ମେଡିକାଲ ଅଫିସର ଡା. ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ବବିତା ପଟ୍ଟାୟତ, ସତ୍ୟଜିତ ମହାନ୍ତେ, ନିତିଶ ସାମଲ, ବିଜୟ ବାନ୍ରା, ପାର୍ଥସାରଥୀ ମହାନ୍ତ, ଶକୁନ୍ତଳା ମହାନ୍ତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଆସୋସିଏଶନର ରାଇରଙ୍ଗପୁର ଶାଖା ତରଫରୁ ୪୨ ୟୁନିଟ ଓ ଉଦଳା ଓ କରଞ୍ଜିଆ ଶାଖା ତରଫରୁ ୧୫ ୟୁନିଟ ଲେଖାଏ ରକ୍ତ ସଂଗହୀତ ହୋଇଥିବା ସୂଚନା ମିଳିଛି।

# ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

**ବେତନଟୀ,୩।୫ (ଧରଣୀଧର ମହାନ୍ତି):** ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବେତନଟୀ ଥାନା ଅନ୍ତର୍ଗତ କେସିପୁର ଫାଣ୍ଡି ଅଞ୍ଚଳର ଜଣେ ହାଇସ୍କୁଲ ଶିକ୍ଷକ ଯତୀନ୍ଦ୍ର ମହାନ୍ତ (୫୬)ଙ୍କୁ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ହାଇସ୍କୁଲ ଶିକ୍ଷକ ଛାତ୍ରୀଙ୍କୁ ପରୀକ୍ଷାରେ ଫେଲ କରାଇବାର ଧମକ ଦେଇ ବ୍ଲାକମେଲ କରିବାର ଉଦ୍ୟମ କରିଥିଲେ। ଗତ ଏପ୍ରିଲ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଛାତ୍ରୀ ଜଣକ ଡାକ୍ତରଖାନାରୁ ଘରକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ବେତନଟୀ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୯୦/୨୬)ରୁଜୁ ହୋଇଛି।

# ଗୋରକ୍ଷକଙ୍କୁ ଗୁଳିମାଡ଼ ଘଟଣା, ୨ ଗିରଫ

**ବୈଶିଙ୍ଗା,୩।୫(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ଗୋରକ୍ଷକଙ୍କ ଉପରକୁ ଗୁଳିମାଡ଼ ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ଗୋରକ୍ଷକ ଯୁଗପୁରା ଅଞ୍ଚଳର ରମେଶ ବିଶ୍ୱାଳ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାବେଳେ ଶନିବାର ରାତି ଦଶଟା ସମୟରେ ବୈଶିଙ୍ଗା ପୋଲିସକୁ ମିଳିଛି ସଫଳତା। ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗୋ ଚାଲାଣ ଓ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ୨ ଦୁର୍ବୃତ୍ତ ବାଲେଶ୍ୱର ସଦର ଥାନା ଅଧୀନ ଜଙ୍ଗରାଇ ଗ୍ରାମର ସେଖ ନେହୁରଙ୍କ ପୁଅ କେସିମୁଦ୍ଦିନ ଓ ଗୋବିନ୍ଦରାୟପୁର ଗ୍ରାମର ମଲ୍ଲିକ ଜେମାଲୁଦ୍ଦିନଙ୍କ ପୁଅ ମଲ୍ଲିକ ଖେଇରୁଦ୍ଦିନକୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଗୋ ଚାଲାଣକାରୀ ବିଭିନ୍ନ ଅଞ୍ଚଳରୁ ଗୋରୁ ଚୋରି କରି ଭ୍ୟାନ ଯୋଗେ ଯୁଗପୁରା ଦେଇ ଜାମନଣ୍ଡା ପଟକୁ ଯାଉଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ତେବେ ଗ୍ରାମର କିଛି ଗୋରକ୍ଷକ ଯୁବକ ସେମାନଙ୍କ ପିଛା କରିବାରୁ ସେମାନେ ଦ୍ରୁତ ଗତିରେ ଖସିଯିବାକୁ ଚେଷ୍ଟା କରିଥିଲେ। କଦଳିଆ ଛକ ନିକଟରେ ଗୋରକ୍ଷକ ଦିପୁ ଓ ତାଙ୍କ ସହଯୋଗୀଙ୍କ ସହିତ ଗୋ ଚାଲାଣକାରୀଙ୍କ ମୁହାଁମୁହିଁ ହୋଇଯାଇଥିଲା। ତେବେ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଗୋ ଚାଲାଣକାରୀମାନେ ତାଙ୍କ ଉପରକୁ ଗୁଳିଚାଳନା କରି ଚମ୍ପଟ ମାରିଥିଲେ। ଗୁଳି ମାଡ଼ରେ ଦିପୁ ଗୁରୁତର ହୋଇଥିଲେ। ପରେ ଗ୍ରାମବାସୀ ଓ ପରିବାର ଲୋକ ପହଞ୍ଚି ଦିପୁଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ନେଇ ଚିକିତ୍ସା କରାଇଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

# ରାସ୍ତା ପାଇଁ ଧାରଣାରେ ବସିଲେ ଲୋକେ

## ଯଥାଶୀଘ୍ର ନିର୍ମାଣ ନ ହେଲେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ

ବାଲେଶ୍ୱର,୩।୫ (ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ସଦର ବ୍ଲକ ହିଡିଗାଁ ପଞ୍ଚାୟତର ଝାମ୍ପରା ହାଟଠାରୁ ହିଡିଗାଁ ସ୍କୁଲ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ଏହି ରାସ୍ତା ମରଣଯନ୍ତା ପାଲଟି ଯାଉଛି। ରାସ୍ତାରେ ପଡ଼ି କାହା ଗୋଡ଼ ଭାଙ୍ଗିଛି ତ ପୁଣି କାହାର ହାତ ଭାଙ୍ଗିଛି। ତଥାପି ପ୍ରଶାସନ ଓ ଜନ ପ୍ରତିନିଧି ନିଦାବିଷ୍ଟୁ ସାଜି ହାତବାନ୍ଧି ବସିଛନ୍ତି ବୋଲି ଅଭିଯୋଗ ହେଉଛି। ଦୀର୍ଘବର୍ଷ ଧରି ରାସ୍ତାର ମରାମତି ହେଉ ନ ଥିବାରୁ ଜନଆକ୍ରୋଶ ଦେଖାଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ରାସ୍ତା ମରାମତି ହେଉ ନ ଥିବା ଯୋଗୁ ଶତାଧିକ ଗ୍ରାମବାସୀ ରବିବାର ରାସ୍ତାରେ ଧାରଣାରେ ବସି ପ୍ରତିବାଦ ଜଣାଇଛନ୍ତି।

ସେମାନେ ଦର୍ଶାଇଛନ୍ତି, ୧୫ ବର୍ଷ ପୂର୍ବରୁ ଏହି ଅଣଓସାରିଆ ରାସ୍ତା ନିର୍ମାଣ ହୋଇଥିଲା। ନିର୍ମାଣ ପରଠାରୁ ରାସ୍ତା ମରାମତି ହୋଇନାହିଁ। ଯେଉଁଥିପାଇଁ କଂକ୍ରିଟ ରାସ୍ତାର କେଉଁଠି ଢଳେଇ ଫାଟି ଆଁ କରିଛି ତ ଆଉ କେଉଁଠି ଫୁଟେ ଦେଢ଼ ଫୁଟ ଖାଲଖମା ଥିବା ଦେଖାଯାଇଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅଣଓସାରିଆ ରାସ୍ତାରେ ଆମ୍ବୁଲାନ୍ସ ଗାଁ ଭିତରକୁ ପଶିପାରୁ ନାହିଁ। ରାସ୍ତା ଭାଙ୍ଗିରୁଜି ଅତି ଶୋଚନୀୟ ହୋଇଥିବାରୁ ଗାଁ ଭିତରକୁ ଅଟୋ ଆସିପାରୁ ନାହିଁ। ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଖଟିଆରେ କିମ୍ବା ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡୁଛି। ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗମନାଗମନ ପାଇଁ ଏହି ରାସ୍ତା ଉପରେ ୨ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ରାସ୍ତାର ଏଭଳି ଅବସ୍ଥା ଦେଖି ଗ୍ରାମବାସୀ ବହୁବାର ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଛନ୍ତି। ହେଲେ ରାସ୍ତାର ମରାମତି କରାଯାଇ ନାହିଁ। ରାସ୍ତା ପ୍ରଶସ୍ତୀକରଣ ସହ ନିର୍ମାଣ କରାଯିବାକୁ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଯଥାଶୀଘ୍ର ନିର୍ମାଣ ନ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମୂହ ଭୋଟବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ବାବଦରେ ହିଡିଗାଁ ସରପଞ୍ଚ ପୀତାମ୍ବର ବେହେରା କହିଛନ୍ତି, ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ରାସ୍ତାରେ ମାଟି ପକାଇବା କାର୍ଯ୍ୟ ଚାଲିଥିବା ବେଳେ ବର୍ଷା ହେବାରୁ ବନ୍ଦ ରହିଛି। ଉକ୍ତ ରାସ୍ତା କଂକ୍ରିଟ ଢଳେଇ କରାଯିବ। ଦୀର୍ଘଦିନ ଧରି ଏହି ରାସ୍ତା ଶୋଚନୀୟ ହୋଇଥିବାରୁ ଲୋକେ ପ୍ରତିବାଦ କରିବା ସ୍ୱାଭାବିକ। ପୂର୍ବତନ ୱାର୍ଡମେମ୍ବର ଅବନ୍ତି ବେରା, ରମାକାନ୍ତ ଗୁଡ, ଅର୍ଦ୍ଧେନ୍ଦୁ ଶେଖର ଦାସ, ଚନ୍ଦ୍ରକାନ୍ତ ବେଜ, ଗୀତିକା ବେହେରା, ସରସ୍ୱତୀ ମାଝୀ, ଲକ୍ଷ୍ମୀପ୍ରିୟା ବେରା, ହୀରାମଣୀ ବେରା, ଯମୁନା ବେରା, ସରସ୍ୱତୀ ବେରା, ମାନସୀ ବେରା, ସଙ୍ଗୀତା ମଣ୍ଡଳ, ଗୌରୀ ମାଝୀ, ଭଗବତୀ ଜେନା ପ୍ରମୁଖ ଧାରଣାରେ ସାମିଲ ଥିଲେ।



ଧାରଣାରେ ବସିଥିବା ଗ୍ରାମବାସୀ।

## ସଂକ୍ଷେପରେ

### ୧୦୨ ୟୁନିଟ୍ ରକ୍ତ ସଂଗୃହୀତ

ବାଲେଶ୍ୱର,୩।୫ (ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ସହର ଏଡିଏମ୍ ଛକ ନିକଟରେ ଥିବା ବ୍ରିଟ୍ କଲ୍ୟାଣ ମଣ୍ଡପରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେଡି ନିର୍ଦ୍ଦେଶକ୍ରମେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ଫକୀର ମୋହନ କଲେଜର ପୂର୍ବତନ ଛାତ୍ରସଂସଦ ସଭାପତି ତଥା ବିଜେଡି ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ ଓ ଜୀବନ ପ୍ରଦୀପ ଦାସ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା, ବରିଷ୍ଠ ନେତା ମହାଦେବ ଦାସ, ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇଥିଲେ। ପରେ ଆୟୋଜକ ପ୍ରଧାନ ଏବଂ ସମସ୍ତ ସହଯୋଗୀ କର୍ମକର୍ତ୍ତାଙ୍କୁ ବ୍ଲଡ୍‌ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲଡ୍‌ବ୍ୟାଙ୍କର କର୍ମକର୍ତ୍ତାଙ୍କ ମଧ୍ୟରେ ଦେବାଶିଷ ଦତ୍ତ, ସୁଚିସ୍ମିତା ଦାସ, ଅକ୍ଷୟ କୁମାର ଜେନା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ

ସୋର,୩।୫(ଜନ୍ମେଜୟ ମିଶ୍ର): ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଜୟନ୍ତୀ ଧଳ(୫୫) ଶନିବାର ସନ୍ଧ୍ୟାରେ ମଙ୍ଗଳପୁର ବଜାରକୁ ଚାଲିଚାଲି ଆସୁଥିବା ବେଳେ ଜୋକା ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ଚଳନ୍ତା ଟ୍ରେନରୁ ଖସି ଯୁବକ ଗୁରୁତର

ସୋର,୩।୫(ଜନ୍ମେଜୟ ମିଶ୍ର): ସୋରସ୍ଥିତ ସବିରା ରେଳ ଷ୍ଟେଶନ ନିକଟରେ ଚଳନ୍ତା ଟ୍ରେନରୁ ଖସି ପଡି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଉତ୍ତରପ୍ରଦେଶ ଅଞ୍ଚଳର ସୁରଜ ବର୍ମା ଗୌହାଟି ଏକ୍ସପ୍ରେସ ଟ୍ରେନରେ ଚେନ୍ନାଇ ଅଭିମୁଖେ ଯାଉଥିଲେ। ସବିରା ରେଳ ଷ୍ଟେଶନ ନିକଟରେ ଟ୍ରେନରୁ ଖସିପଡିବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବିପୁଳ ପରିମାଣର ଜିଞ୍ଜିର ଜବତ, ୭ ଗିରଫ

## ୬ ବାଇକ୍ ଜବତ

ସୋର,୩।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସୋର ଅନ୍ତପୁର ଥାନା ଅନ୍ତର୍ଗତ ଶୋଳଗାଁ ଦୟାନିଧିପୁର, ଗୁଡ଼ ଏବଂ ବାଲିଛନ୍ଦାଘାଟ ଛକ ନିକଟରେ ଚଢ଼ାଉ କରି ୪୦୫ ଲିଟର ଜିଞ୍ଜିର, ୩୦ ଲିଟର ଦେଶୀ ରନ୍ଧା ମଦ ସହିତ ୬ଟି ମୋଟର ସାଇକେଲ ଜବତ କରିଛି। ଏହି ଘଟଣାରେ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ଆଡୁଆଁ ଗ୍ରାମର କପିଳ ମଲ୍ଲିକ, ଶ୍ରୀହରି ଦାସ ଓରଫ କାଲା, ସୁଶାନ୍ତ ମଲ୍ଲିକ ଓରଫ ଜଡ଼ା , ରାଜେଶ ମଲ୍ଲିକ, ଜୁଲୁକା ମଲ୍ଲିକ ଓରଫ ବାରୁ ଓ ବାଲିଛନ୍ଦାଘାଟର ନିରାକାର ମଲ୍ଲିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଘଟଣାସ୍ଥଳରୁ ଶୋଳଗାଁ ଗ୍ରାମର ଜଣେ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ଜବତ ହୋଇଥିବା ଜିଞ୍ଜିର ଓ ଦେଶୀ ରନ୍ଧା ମଦ ଓ ମୋଟର ସାଇକେଲର ଆନୁମାନିକ ମୂଲ୍ୟ ୭ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ଲମ୍ବୋଦର ମହାନ୍ତ ଓ କନଷ୍ଟେବଲ ସୁନାରାମ ସୋରେନ, ପଙ୍କଜ ମହାନ୍ତି, ସୁବୀରକାନ୍ତ ବେହେରା, ନହାନ ମୁର୍ମୁ ଓ ସେକ କଲିମ ପ୍ରମୁଖ ସାମିଲ ଥିଲେ। ଏନେଇ ଅବକାରୀ ଥାନା ପକ୍ଷରୁ କେଶ ନଂ. ୩୦/୨୬-୨୭ ଓ ୪୦,୪୧, ୪୨, ୪୩, ୪୪, ୪୫/୨୬-୨୭ ରେ ମାମଲା ରୁଜୁ କରାଯାଇଛି।



ଜବତ ଜିଞ୍ଜିର ଓ ମଦ।

# ଖଇରାରେ ଭାଜପାର ମହାମିଶ୍ରଣ ପର୍ବ



ମନ୍ତ୍ରୀ, ଏମ୍‌ପି ଓ ବିଧାୟକ ଅନ୍ୟଦଳର କର୍ମୀମାନଙ୍କୁ ଉତ୍ତରୀୟ ପିନ୍ଧାଉଛନ୍ତି।

ଖଇରା,୩।୫(ଉତ୍କଳବନ୍ଧୁ ପଣ୍ଡା)

ଓଡ଼ିଶାରେ ଭାଜପା ସରକାର ଆସିବା ପରେ ସବୁ କ୍ଷେତ୍ରରେ ବିକାଶ ହୋଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୨ହଜାର କୋଟି ସହ ଶ୍ରମିକଙ୍କୁ ମଜୁରୀ ଓ ବର୍ଦ୍ଧିତ ମହଙ୍ଗାଭତ୍ତା ପ୍ରଦାନ କରାଯାଇଛି। ଭ୍ରଷ୍ଟାଚାରରେ ବୁଡ଼ିଥିବା ଏକ ସରକାରକୁ ହଟାଇ ଓଡ଼ିଶାବାସୀ ଯେଉଁ ଲକ୍ଷ୍ୟରେ ଭାଜପା ସରକାରକୁ କ୍ଷମତାକୁ ଆଣିଥିଲେ ତାକୁ ସରକାର ପୂରଣ କରୁଛନ୍ତି। ଆଗାମୀ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରାଯିବ। ଏଣୁ ଭାଜପା ପରିବାରର ପ୍ରତ୍ୟେକ ସଦସ୍ୟ ଏହି ଲମ୍ବାଯାତ୍ରାରେ ସହଭାଗୀ ହୁଅନ୍ତୁ ବୋଲି ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ଦୁର୍ଗା ମଣ୍ଡପଠାରେ ରବିବାର ଆୟୋଜିତ ଭାଜପାର ମିଶ୍ରଣ ପର୍ବରେ ପୂର୍ତ୍ତ,ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ,ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ପୂର୍ବତନ ଜିଲା ସଭାପତି ଲମ୍ବୋଧର ନାୟକ, ପୂର୍ବତନ ବ୍ଲକ ସଭାପତି ନିରଞ୍ଜନ ବେହେରା, ଯୁବନେତା ନିଳମାଧବ ପଣ୍ଡା, ରାଜ୍ୟ ଉପସଭାପତି ସିପ୍ରା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ୧୩ ପଞ୍ଚାୟତରୁ ବିଜେଡିରୁ ଇସ୍ତଫା ଦେଇଥିବା ଲୋକପ୍ରତିନିଧି,ଦଳୀୟ କର୍ମକର୍ତ୍ତାଙ୍କୁ କାର୍ଯ୍ୟକର୍ତ୍ତାମାନେ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ।

ଭାଜପାରେ ମିଶିଥିବା ପ୍ରମୁଖ ନେତୃବୃନ୍ଦ ହେଲେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସାରକୋଣା ସରପଞ୍ଚ ସୁଶାନ୍ତ ନାୟକ, କଇଥଗଡ଼ିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ ଓ ସମିତିସଭ୍ୟ ନରୋତ୍ତମ ମହିମା ଜେନା, ରପେୟା ସରପଞ୍ଚ ମଞ୍ଜୁଲତା ସାମଲ, ମହତୀପୁର ସମିତିସଭ୍ୟା ଭାନୁପ୍ରିୟା ସାହୁ, ଗୋଳିହା ସମିତିସଭ୍ୟ ରଞ୍ଜନ ରାଉତ, ସାରୁଗା ସରପଞ୍ଚ ପ୍ରାର୍ଥୀ ଗୌତମ ରାଉତ, ମାଣିତ୍ରୀ ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ଦାସ, ପ୍ରୀତମ ନାୟକ ଓ ସୌମ୍ୟ ରଞ୍ଜନ ନାୟକ। କୈଳାସ ମାଝୀ, ଅଜୟ କୁମାର ବେହେରା, ପତିତପାବନ କର ଓ ମାୟାଧର କୁଅଁର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ଭାଜପା କର୍ମୀ ଭାଜପାରେ ମିଶିଲେ- ଜ୍ୟୋତି ପ୍ରକାଶ ପାଣିଗ୍ରାହୀ

ଖଇରା,୩।୫(ଉତ୍କଳବନ୍ଧୁ ପଣ୍ଡା)- ଭାଜପାର ମିଶ୍ରଣ ପର୍ବ ସମ୍ପର୍କରେ ଜିଲା ବିଜେଡି ସଭାପତି ତଥା ସିମୁଳିଆର ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପଚାରିବାରୁ ଯେଉଁମାନେ ରବିବାର ଭାଜପାରେ ମିଶିଲେ ଜଣେ ହେଲେ ନେତା ବିଜେଡିରେ ସକ୍ରିୟ ଭାବେ କାର୍ଯ୍ୟ କରୁ ନ ଥିଲେ। ବରଂ ସେମାନେ ଭାଜପା ସହିତ ମିଶି କାର୍ଯ୍ୟ କରୁଥିଲେ ଓ ବିଜେଡିର କ୍ଷତି କରୁଥିଲେ। ଏଣୁ ଭାଜପା ନେତା ଭାଜପାରେ ମିଶିଲେ। ଏହା ବିଜେଡିକୁ କୌଣସୀ ପରିସ୍ଥିତିରେ ପ୍ରଭାବିତ କରିବ ନାହିଁ ବୋଲି କହିଥିଲେ।

## ୨ ଗୋଷ୍ଠୀ ମୁହାଁମୁହିଁ ଘଟଣା ଆରୋପ ପ୍ରତ୍ୟାରୋପ

ବାଲିଆପାଳ,୩।୫(ରାଜଶ୍ରୀ ପାଣିଗ୍ରାହୀ):

ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ନୟାବାଲିଠାରେ ଥିବା ଶଙ୍କରନାଥ ମନ୍ଦିର ପ୍ରାଙ୍ଗଣରେ ଗତ ଏପ୍ରିଲ ୨୭ ରାତିରେ ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ଘଟଣାରେ ପୃଥକ୍ ଭାବେ ବାଲିଆପାଳ ଥାନାରେ ଅଭିଯୋଗ ହୋଇଛି। ଏନେଇ ନୟାବାଲି ଗ୍ରାମବାସୀ ଚନ୍ଦନ ଜେନା, ବାଞ୍ଛାନିଧି ଦଲାଇ, ଦୟାନବ ପଟ୍ଟାୟତ, ଜାନକୀ ଦଣ୍ଡପାଟ ପ୍ରମୁଖ ସୁବର୍ଣ୍ଣରେଖା ନଦୀ ନୟାବାଲି ଘାଟ ଦେଇ ପଶ୍ଚିମବଙ୍ଗକୁ ଗୋଚାଲାଣରେ ରସୁଲପୁର ଗ୍ରାମର ବାପି ପାତ୍ର ନାମକ ବ୍ୟକ୍ତି ସମ୍ପୃକ୍ତ ଥିବା ନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ଏଥିସହ ଗ୍ରାମର ଛଚିନ୍ଦ୍ର ଦଲାଇଙ୍କ ଏକ ଗର୍ଭିଣୀ ଗାଈ ଗୋ ମାଫିଆଙ୍କୁ ସେ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଅପରପକ୍ଷେ ବାପିଙ୍କ ପରିବାର ସଦସ୍ୟ ଶନିବାର ତାଙ୍କ ବାସଭବନରେ ଖବରଦାତା ସମ୍ମିଳନୀ କରି ରାଜନୈତିକ ଆକ୍ରୋଶ ରଖି ସରପଞ୍ଚଙ୍କ ପୁଅ କପୋଳ କଳ୍ପିତ କାହାଣୀ କରି ତଥ୍ୟ ଦେଉଛନ୍ତି ବୋଲି କହିଥିଲେ। ସରପଞ୍ଚଙ୍କ ପୁଅ ତାଙ୍କ ଇଟାଭାଟିରୁ ୩୨,୦୦୦ ଟଙ୍କାର ଇଟା ନେଇଥିବା ବେଳେ ଟଙ୍କା ନ ଦେଇ ଗ୍ରାମର ମୁଖିଆଙ୍କ ଦ୍ୱାରା ମନ୍ଦିର ପାଖକୁ ଡାକି ସଂଘବଦ୍ଧ ଭାବେ ଆକ୍ରମଣ କରି ସୁନାଚେନ୍, ମୁଦି ଓ ଟଙ୍କା ଛଡ଼ାଇ ନେଇଥିବା ବାପି ଅଭିଯୋଗ ଆଣିଛନ୍ତି। ଛଚିନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨୧୬/୨୬) ଓ ବାପିଙ୍କ ବାପା ମୂରଲୀ ମୋହନ ପାତ୍ରଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା(ନଂ.୨୧୭/୨୬) ରୁଜୁ ହୋଇଛି।

# 'ଆଧୁନିକ ଅର୍ଥନୀତିରେ ଶ୍ରମିକ ଅଧିକାର ଓ ସାମାଜିକ ନ୍ୟାୟ' ଉପରେ ଆଲୋଚନା



ଆଲୋଚନାଚକ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ଅଧିକାରୀ ଓ ଛାତ୍ରୀଛାତ୍ର।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ

ବାଲେଶ୍ୱର, ୩।୫(ବାଞ୍ଛାନିଧି ଦେ): ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ 'ଆଧୁନିକ ଅର୍ଥନୀତିରେ ଶ୍ରମିକ ଅଧିକାର ଓ ସାମାଜିକ ନ୍ୟାୟ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ନାତକୋତ୍ତର ବିଭାଗ, ପିଏମ୍‌ଆଇଆର୍ ପକ୍ଷରୁ ତଥା ବ୍ୟବସାୟ ପ୍ରଶାସନ ଓ ବାଣିଜ୍ୟ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଶ୍ରମିକଙ୍କ ସ୍ୱାଧିକାର ତଥା ସମ୍ମାନ ରକ୍ଷା ପ୍ରତି ଶିକ୍ଷିତ ସମାଜର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଇମାମୀ ପେପର ମିଲ୍ସର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଯୋଗଦେଇ ଉଦ୍ୟୋଗ ଦୃଷ୍ଟିକୋଣ ସହ ଆଧୁନିକ ଶିଳ୍ପରେ ଦାୟିତ୍ୱଶୀଳ ଶ୍ରମ ପ୍ରଚଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡ. ଦେବଦତ୍ତ ଦାସ ଅତିଥି ପରିଚୟ ଦେଇଥିଲେ। ପ୍ରଫେସର ପଦ୍ମଲିତା ରାଉତରାୟ ବିଷୟବସ୍ତୁ ଉପସ୍ଥାପନ କରି ଶ୍ରମିକ ଅଧିକାର ସହ ସାମାଜିକ ନ୍ୟାୟ ଓ କାର୍ଯ୍ୟସ୍ଥଳର ଦାୟିତ୍ୱକୁ ଏକତ୍ର କରିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଶ୍ରମିକଙ୍କ ଅଧିକାର ସୁରକ୍ଷା ପାଇଁ ସଂସ୍ଥାଗତ ପ୍ରତିବଦ୍ଧତା ବିଷୟରେ ମତ ରଖିଥିଲେ। ପ୍ରତିମା ବୁକ୍‌ଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡ. ଆର୍ତ୍ତବନ୍ଧୁ ଜେନା ମଞ୍ଚାସୀନ ଥିଲେ। ଡ. ଦେବଦତ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳହରୀଙ୍କ ଚନ୍ଦନ ଯାତ୍ରା

ବାହାନଗା,୩।୫ (ଅରୂପ କୁମାର ଦାସ)-

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପାଇକାସ୍ତା ଗ୍ରାମସ୍ଥିତ ଜଳହରୀଙ୍କ ଚନ୍ଦନ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଛି। ଗୁରୁବାର ଜଳହରୀଙ୍କୁ ଗ୍ରାମ ପରିକ୍ରମା କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ଘାଟନ କରିଥିଲେ। ଏଥିରେ ଦିଲ୍ଲୀପ ଦାସ, ପାଣ୍ଡଶୁଣି ସରପଞ୍ଚ ପରୀକ୍ଷିତ ମାଝୀ, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ଚନ୍ଦନ କମିଟିର ସଭାପତି ଜଗଦୀଶ ରାଉତ, ସମ୍ପାଦକ ଗଣେଶ ଚନ୍ଦ୍ର ଦାସ, ବିଦ୍ୟାଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଦେଉଳ ପୋଖରୀରେ ହେଉଥିବା ବାବା ଜଳହରୀଙ୍କ ଚନ୍ଦନ ଯାତ୍ରାକୁ ନଡ଼ିଆ ଫଟାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳଙ୍କ ସମେତ ବିଶିଷ୍ଟ ବ୍ୟବସାୟୀ ସୌମ୍ୟଜିତ ବେହେରା, ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ଗଜେନ୍ଦ୍ର ସାହୁ ଓ ବିଦ୍ୟାଧର ପାଣିଗ୍ରାହୀ। ଗିରିଶ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ପରେ କଣ୍ଠଶିଳ୍ପୀ ଟି.ସୌରୀ ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଗ୍ରାମରେ ଚାଲିଥିବା ହରିହାଟ କାର୍ଯ୍ୟକ୍ରମ ମଧ୍ୟ ଶନିବାର ଉଦ୍‌ଯାପିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମର ବିଶ୍ୱନାଥ ସାହୁ, ଅଭିମନ୍ୟୁ ଘଡ଼ିଆ, ହୃଦାନନ୍ଦ ସାହୁ, ଲକ୍ଷ୍ମଣ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୀନବନ୍ଧୁ ଦାସ ପ୍ରମୁଖ ସହାୟତା କରିଥିଲେ। ହରିହାଟର ସଭାପତି ଦିଲ୍ଲୀପ ସାହୁ, ସମ୍ପାଦକ ରମେଶ ଦଳେଇ ପ୍ରମୁଖ କାର୍ଯ୍ୟ ତୁଲାଇ ଥିଲେ। ଉଭୟ କମିଟିର କୋଷାଧ୍ୟକ୍ଷ ସୁଦୀପ୍ତ ସାହୁ ଓ ଚିନ୍ମୟୀ ପାଣିଗ୍ରାହୀ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗ୍ରାମର ଯୁବକମାନେ ନାଟକ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କାଳବୈଶାଖୀରେ ଉଜୁଡ଼ିଲା ଚାଷ



- ପାଣିରେ ଭାସୁଛି ଫସଲ, ଏସ୍‌ଆରସିଙ୍କୁ ଭେଟିଲେ ବିଧାୟକ
- ୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମନା

ଭୋଗରାଇ,୩।୫(ପ୍ରଦୀପ ଦାସ):

ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ଭୋଗରାଇ ବ୍ଲକ୍‌ରେ ୪ ଦିନ ଧରି ମଧ୍ୟମ ଧରଣର ବର୍ଷା ସାଙ୍ଗକୁ ଝଡ଼ ପବନ ହେଉଛି। ଫଳରେ ପାଚିଲା ଧାନ ପାଣିରେ ଭାସୁଥିବା ବେଳେ ତୈଳବୀଜ, ପନିପରିବା, ତରବୁଜ, ପାନ ବରଜ ଓ ଘର ଦ୍ୱାର, ବିଦ୍ୟୁତ ଖୁଣ୍ଟି ବ୍ୟାପକ କ୍ଷତି ଘଟିଛି।

ଭୋଗରାଇ ବ୍ଲକ୍‌ରେ ୧୧ ହଜାର ୧୫୦ ହେକ୍ଟର ଜମିରେ ରବି ଧାନଚାଷ ହୋଇଥିବା ବେଳେ ୯୦ ପ୍ରତିଶତ ଧାନ ପାଚିଯାଇଛି। ସୁନାର ଫସଲ ଅମଳ ନିମନ୍ତେ ଚାଷୀକୁଳ ଆଗଭର ହେଉଥିବାବେଳେ କାଳବୈଶାଖୀ ଚାଷୀକୁଳକୁ ଚିନ୍ତିତ କରିଛି। ବହୁ ଧାନ ଚାଷୀ ନିଜ କଷ୍ଟ ଅର୍ଜିତ ଫସଲକୁ ବିଲରେ ଶୁଖାଇବା ନିମନ୍ତେ ରଖିଥିବା ବେଳେ ଅଦିନିଆ ବର୍ଷାରେ ଭିଜିଯାଇଛି। ଅପରପକ୍ଷରେ ଚିନାବାଦାମ, ମୁଗ, ପନିପରିବା, କାକୁଡ଼ି ବାଡ଼ିରେ ପାଣି ଜମିଯିବାରୁ ଚାଷ ନଷ୍ଟ ହେବାକୁ ବସିଛି। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ରାଜ୍ୟ ସରକାର ଅବିଳମ୍ବେ ଭୋଗରାଇ ଗସ୍ତ କରି କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ସ୍ୱତନ୍ତ୍ର କମିଶନରଙ୍କୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଥିବାର ସୂଚନା ମିଳିଛି। ଅପରପକ୍ଷରେ ସମୁଦ୍ର ଅଶାନ୍ତ ଯୋଗୁ ମତ୍ସ୍ୟଜୀବୀଙ୍କୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ଯିବାକୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।

## ଭାଙ୍ଗିଲା ଘର, ଖୋଲା ଆକାଶ ତଳେ ଅସହାୟ ପରିବାର

ଔପଦା,୩।୫(ଧରିତ୍ରୀ ପଣ୍ଡା):

ବାଲେଶ୍ୱର ଜିଲା ଔପଦା ବ୍ଲକ୍ ଅଧୀନ ଅଘିରାପଦା ପଞ୍ଚାୟତର ଅଘିରାପଦା ରାଜସ୍ୱ ଗ୍ରାମର ଆଗୁଆଣ ସାହିରେ କାଳବୈଶାଖୀ ତାଣ୍ଡବ ରଚିଛି। ଗତ ୩୦ ତାରିଖ ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଉପେନ୍ଦ୍ର ବିଶ୍ୱାଳଙ୍କ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ସେ ଖୋଲା ଆକାଶ ତେଳ ପରିବାର ସହ ରହୁଥିବା ବେଳେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ପବନ ବର୍ଷା ଯୋଗୁ ଉପେନ୍ଦ୍ରଙ୍କ ଘର ଉପରେ ଏକ ବିରାଟ ତେନ୍ତୁଳି ଗଛ ପଡ଼ିଯାଇଥିଲା। ଫଳରେ ଚାଳଛପର ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଘଟଣାକୁ ୩ ଦିନ ବିତିଯାଇଥିଲେ ହେଁ ସହାୟତା ମିଳି ନ ଥିବାରୁ ସ୍ତ୍ରୀ ସଞ୍ଜୁଲତାଙ୍କ ସମେତ ୫ ପ୍ରାଣୀ କୁଟୁମ୍ବ ବର୍ତ୍ତମାନ ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି। ଆଶ୍ରୟ ସହ ଖାଦ୍ୟ ପାନୀୟର ବ୍ୟବସ୍ଥା ନ ଥିବାରୁ ପରିବାରଟି ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏ ସମ୍ପର୍କରେ ଉପେନ୍ଦ୍ର କହିଛନ୍ତି, ବିଧାୟକ ସନ୍ତୋଷ ଖଟୁଆଙ୍କ ପକ୍ଷରୁ ଏକ ଅସ୍ଥାୟୀ ଗୃହ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରାଯାଇଛି। ତୁରନ୍ତ ସରକାରଙ୍କ ପକ୍ଷରୁ ବାସଗୃହ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଏଭଳି ସଙ୍କଟ ସମୟରେ ପରିବାରଟିକୁ ସହାୟତାର ହାତ ବଢ଼ାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ନିବେଦନ କରିଛନ୍ତି। ପ୍ରଶାସନ ତୁରନ୍ତ ଘଟଣାର ସ୍ଥିତି ଅନୁଧ୍ୟାନ କରି ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।



ବାସହରା ମହିଳା।

## ସଂକ୍ଷେପରେ

### ୫ଟି ବାଲି ବୋଝେଇ ହାଇଓ୍ୱା ଜବତ



ବଉଳା/ହାଟଡିହୀ,୩।୫(ଦୁର୍ଗା ପ୍ରସାଦ ଆୟଚ/ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ର ବୈତରଣୀ ନଦୀକୂଳରୁ ବେଆଇନଭାବେ ବିଭିନ୍ନ ଘାଟରୁ ଚୋରା ବାଲି ଚାଲାଣ ସମୟରେ ଖଣିଜ ବିଭାଗ ଚଢ଼ାଉ କରିଛି। ରବିବାର ଖଣି ବିଭାଗ ରଣା–ସମଣା ରାସ୍ତାରେ ଗିରିଗାଁ ଛକ ନିକଟରେ ଚଢ଼ାଉ କରି ୫ଟି ବାଲି ବୋଝେଇ ହାଇଓ୍ୱା ଜବତ କରି ନନ୍ଦିପଦା ପୋଲିସକୁ ଜିମା ଦେଇଛି।

### ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ଆହତ

ବଞ୍ଜୋ,୩।୫(ପ୍ରଦୋଷ କୁମାର ବିଶ୍ୱାଳ): ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଶୁକ୍ରବାର ରାତିରେ ଆନନ୍ଦପୁର ନିଜ ବାସଗୃହ ସମ୍ମୁଖ ରାସ୍ତାରେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କ ବାମ ପାଦର ହାଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ବାଲେଶ୍ୱର ଜିଲା ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହାନ୍ତି, ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ତାପସ ମହାନ୍ତି, ରାଜ୍ୟ ସଂଯୋଜକ କୈଶିକ ଚାନ୍ଦ, ବରିଷ୍ଠ ନେତା ବୈରାଗୀ ଚରଣ ବେହେରା ପ୍ରମୁଖ ମେଡ଼ିକାଲରେ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ।

### ଭରସା ପରିବାରକୁ 'ମହାତ୍ମା ଗାନ୍ଧୀ ଶ୍ରମିକ ସେବା' ସମ୍ମାନ

କେନ୍ଦୁଝର,୩।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ରକ୍ତଦାନଠାରୁ ଆରମ୍ଭ କରି ଅଲୋଡ଼ା ମୃତଦେହ ସମ୍ମାନରେ ଶେଷକୃତ୍ୟ କରି ଆସୁଥିବା ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ 'ମହାତ୍ମା ଗାନ୍ଧୀ ଶ୍ରମିକ ସେବା ସମ୍ମାନ –୨୦୨୬' ମିଳିଛି। କେନ୍ଦୁଝର ଅଡିଟରିୟମରେ ଗାଁ ସାଥି ମେଟ୍ ସଂଘ ତରଫରୁ ଅନୁଷ୍ଠିତ ଏକ ସଭାରେ ଉକ୍ତ ସମ୍ମାନ ଭରସା ପରିବାରକୁ ପ୍ରଦାନ କରାଯାଇଛି। ଭରସା ପରିବାରର ସଭାପତି ଲମ୍ବୋଦର ମହାନ୍ତ, ଜିଲା ସଂଯୋଜକ ଶୂନ୍ୟରଞ୍ଜନ ଘଣା, ବୈଶାଖି ମହାନ୍ତ, ରତ୍ନମନୀ ସେଠୀ, ମମତାମୟୀ ପତ୍ର, ଧରିତ୍ରୀ ଖଣ୍ଡା ପ୍ରମୁଖ ସଦସ୍ୟ ସମ୍ମାନକୁ ଗ୍ରହଣ କରିଛନ୍ତି। ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍ପି ଅନନ୍ତ ନାୟକ ଓ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

### ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ

ପାଟଣା,୩।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ର କାର୍ଯ୍ୟରତ ଖବରଦାତାଙ୍କୁ ନେଇ ରବିବାର ବଡ଼ ପାଟଣା ପଞ୍ଚାୟତ ଝାଟିପଡ଼ା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଭାରେ ଆଇନଜୀବୀ ରାହାସ ବିହାରି ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶ୍ୱର କାର୍ଯ୍ୟରତ ଖବରଦାତା ଓ ଖବର ସଂସ୍ଥାଗୁଡ଼ିକର ସ୍ୱାଧୀନତା କିଭଳି କ୍ଷୁଣ୍ଣ ହେଉଛି। ସାମ୍ବାଦିକତା ବୃତ୍ତିରେ ସ୍ୱଚ୍ଛତା ସହ, ଖବର ପରିବେଷଣରେ ନିରପେକ୍ଷତା ଉପରେ ବିଶଦ ଆଲୋଚନା ହୋଇଥିଲା। ଚତୁର୍ଥସ୍ତମ୍ଭ କୁହାଯାଉଥିବା ଖବରଦାତାଙ୍କ ପାଇଁ ସମ୍ବିଧାନ ବିଶେଷ କ୍ଷମତା ନ ଦେବା ସେମାନଙ୍କ ଭବିଷ୍ୟତ ସୁରକ୍ଷା, ପାରିଶ୍ରମିକ ପାଇଁ ସରକାର ଓ ସଂସ୍ଥା ଠିକ୍ ରୂପେ କାର୍ଯ୍ୟ କରୁ ନ ଥିବାରୁ ଖବରଦାତା ଅସନ୍ତୋଷ ପ୍ରାକାଶ କରିଥିଲେ। ବରିଷ୍ଠ ଖବରଦାତା ରଞ୍ଜନ ବାରିକ, ଦଶରଥ ବାରିକ, ସନ୍ତୋଷ ପତି, ଜୀତେନ୍ଦ୍ର ସେଠୀ, ଅଞ୍ଜନ ରଣା, ଦିନବନ୍ଧୁ ମିଶ୍ର, ସୁଜିତ ଦାଶ, ଦୀପକ ଭଞ୍ଜ, ଜୀତେନ୍ଦ୍ର ଉମାକାନ୍ତ ମହାନ୍ତ, କୈଳାସ ମହାନ୍ତ, ପ୍ରଶ୍ନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଭାବେ ଖବରଦାତା ଭାବେ କାର୍ଯ୍ୟ ଆରମ୍ଭ କରିଥିବା ସମବାୟବିତ୍ ଦୀନବନ୍ଧୁ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଦିବଂଗତ ଖବରଦାତା କ୍ଷେତ୍ରବାସୀ ମହାକୁଡଙ୍କ ଆତ୍ମାର ଶାନ୍ତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ପାଇପ୍ ଫାଟି ୮ଟି ଗାଁକୁ ଜଳଯୋଗାଣ ବନ୍ଦ

## ପାନୀୟ ଜଳ ପାଇଁ ଲୋକେ ଉହଳବିକଳ

ଯୋଡ଼ା,୩।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ର ବେଲଦାଠାରେ ଥିବା ମେଗା ପ୍ରକଳ୍ପ ଜଳ ଯୋଗାଣ ପାଇପ୍ ଫାଟିଯାଇଛି। ଫଳରେ ୮ଟି ଗାଁକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଖରାରେ ପାଣି ପାଇଁ କାଳୀମାଟି, ଖଜୁରଡ଼ିହି, ନୟାଗଡ଼, ନଈବୁଗା, କାଇଯୋଡ଼ା, ଜାମପାଣି ପ୍ରଭୃତି ଗ୍ରାମର ଲୋକେ ଉହଳବିକଳ ହେଉଛନ୍ତି।

ମେଗା ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାଏକ କହିଛନ୍ତି, ପ୍ରାୟ ଏକ ମାସ ହେବ ନୟାଗଡ଼ଠାରେ ସ୍ଲରୀ ପାଇପ୍‌ଲାଇନ୍ ଖୋଳା କାର୍ଯ୍ୟ କରୁଥିବା କମ୍ପାନୀ ମେଗା ପ୍ରକଳ୍ପର ପାଇପ୍‌କୁ ଫଟାଇ ଦେଇଛି। ପ୍ରାୟ ୬ ମିଟରର ୨ ଖଣ୍ଡ ପାଇପ୍ ଫାଟି ଯାଇଛି। ଯାହାର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ମେଶିନ ଯୋଗେ କାର୍ଯ୍ୟ କଲା ବେଳେ ଅସାବଧାନତା କାରଣରୁ ପ୍ରକଳ୍ପ ପାଇପ୍‌କୁ ଫଟାଇ ଦେଉଛନ୍ତି। ଏହାର ମରାମତି ପାଇଁ ତାଗିଦା କଲେ ସୁଦ୍ଧା ବହୁ ବିଳମ୍ବରେ ମରାମତି କରୁଛନ୍ତି। ପ୍ରାୟ ୧୫ ଦିନ ପୂର୍ବେ ଏହାକୁ ମରାମତି କରାଯାଇଥିଲା। ମାତ୍ର ଜଳ ଯୋଗାଣ ବେଳେ ପୁନର୍ବାର ଲିକେଜ କରିଥିଲା। ଯାହାଦ୍ୱାରା ଅନ୍ୟ ଗ୍ରାମଗୁଡ଼ିକୁ ମଧ୍ୟ ଜଳ ଯୋଗାଣ ବନ୍ଦ କରାଯାଇଛି। ସ୍ଲରୀ ପାଇପ୍‌ଲାଇନ କମ୍ପାନୀର ଅବହେଳା ଓ ମରାମତି କାର୍ଯ୍ୟ ବିଳମ୍ବ ହେତୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏ ନେଇ ସମ୍ପୃକ୍ତ କମ୍ପାନୀ ବିରୋଧରେ ବାମେବାରି ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା କନିଷ୍ଠ ଯନ୍ତ୍ରୀ ନାଏକ ସୂଚନା ଦେଇଛନ୍ତି।

ପ୍ରକାଶଯୋଗ୍ୟ, ପାଇପ୍‌ଲାଇନ ନିକଟରେ ସ୍ଲରି ପାଇପ୍ ସଂଯୋଗିକରଣ ସମୟରେ କମ୍ପାନୀଗୁଡ଼ିକ ଆଦୌ ଧ୍ୟାନ ଦେଉନାହାନ୍ତି। ଫଳରେ ପାଇପ ଫାଟି ମେଗା ପ୍ରକଳ୍ପର ଜଳ ଯୋଗାଣ କାର୍ଯ୍ୟ ଅନେକ ସମୟରେ ବାଧାପ୍ରାପ୍ତ ହେଉଛି। ବିଭାଗୀୟ ଅଧିକାରୀ ତଦାରଖକଲେ ଅନେକାଂଶରେ ଏହାକୁ ରୋକାଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ପାଇପ ଫାଟି ପାଣି ବୋହୁଛି।

# କେନ୍ଦୁଝରରେ ପାସ୍‌ହାର ନୈରାଶ୍ୟଜନକ

## ମାଟ୍ରିକ ଫଳାଫଳ

କେନ୍ଦୁଝର, ୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। କେନ୍ଦୁଝର ଜିଲାର ସଫଳତା ହାର ୯୪.୩୫ ପ୍ରତିଶତ ରହିଛି, ଯାହାକି ରାଜ୍ୟରେ ସବୁଠାରୁ କମ। ରାଜ୍ୟରେ କେନ୍ଦୁଝର ଜିଲାରେ ପାସ୍‌ହାର ନୈରାଶ୍ୟ ଜନକ ରହିଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜିଲାର ୪୭୯ଟି ବିଦ୍ୟାଳୟର ୨୫୧୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିଲେ। ୭୫୨ ଜଣ ଅନୁପସ୍ଥିତ ରହିଥିବା ବେଳେ ୨୪୪୦୭ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ଜଣ ଏମ୍‌ପି ହୋଇଥିଲେ। ୧୩୭୯ ଜଣ ଫେଲ ହୋଇଛନ୍ତି। ଯାହାକି ରାଜ୍ୟରେ ସର୍ବାଧିକ ବୋଲି ଜଣାପଡ଼ିଛି। ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ–୧ ଗ୍ରେଡ୍‌ରେ ୬୨, ଏ–୨ ଗ୍ରେଡ୍‌ରେ ୪୨୬, ବି–୧ରେ ୧୨୬୮, ବି–୨ରେ ୨୮୯୧, ସିରେ ୪୯୨୮, ଡିରେ ୭୦୩୨, ଇରେ ୬୪୨୧ ଜଣଙ୍କୁ ମିଶାଇ ୨୩୦୨୮ କୃତକାର୍ଯ୍ୟ ହୋଇଥିବାବେଳେ ୧୩୭୯ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୧୫୧ ଜଣ ଛାତ୍ର ଏବଂ ୧୧୮୭୭ ଜଣ ଛାତ୍ରୀ ପାସ କରିଥିବା ଜଣାପଡିଛି। କେନ୍ଦୁଝରଗଡ଼ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ମଧୁସ୍ମିତା ମାଝୀ ୫୭୧ ନମ୍ବର ରଖି ଜିଲା ଟପ୍ପର ହୋଇଥିବା ଜଣାପଡ଼ିଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ହୋତା, ବରିଷ୍ଠ ନାଗରିକ ପ୍ରଦିପ ମହାନ୍ତ କୁହନ୍ତି, ଜିଲାର ଫଳାଫଳ ନୈରାଶ୍ୟ ଜନକ ହୋଇଛି। ଶିକ୍ଷକ ଏବଂ ଉପଯୁକ୍ତ ତଦାରଖ ଅଭାବରୁ ପାଠପଢ଼ା ଠିକ୍ ଭାବରେ ହୋଇପାରୁନାହିଁ। ଶିକ୍ଷକଙ୍କୁ ବିଭିନ୍ନ ଅଣଶିକ୍ଷା କାର୍ଯ୍ୟରେ ଲଗାଯାଉଛି। ଏଣୁ ଏଥିପ୍ରତି ଶିକ୍ଷା ବିଭାଗ ଗୁରୁତ୍ୱ ଦେବା ଜରୁରୀ।

# କାଳବୈଶାଖୀରେ ୧୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ


ଭାଙ୍ଗିଯାଇଥିବା ଘର।

ଆନନ୍ଦପୁର ,୩।୫(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଅନେକ ଚାଳ ଛପର ଉଡ଼ିବା ସହ ଘର ଭାଙ୍ଗିଛି। ବଡ଼ ଗଛ ଉପୁଡ଼ି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ୧୦ରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବତି ହୋଇଥିବା ବେଳେ ଶନିବାର ରାତିରୁ ଭୋକ ଉପାସରେ ପଡ଼ିଛନ୍ତି।

ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଖଳିପାଟିଆ, ଅଁଳାପାଳ, କଅଁସ ଏବଂ ରାଇପୁର ପ୍ରଭୃତି ଗାଁରେ ଶନିବାର ରାତିରେ କାଳବୈଶାଖୀ ହୋଇଥିଲା। ଏଥିରେ ବସନ୍ତ ଗୁଡ୍ଡୁ, ଧନ ଗୁଡ୍ଡୁ, ଦୁର୍ଗା ସୋରେନ, ରାନୀ ସୋରେନ, ଜବା ସୋରେନ, ଇନ୍ଦ୍ରମଣି ମାରାଣ୍ଡି, ପରା ସୋରେନ, ହୀରାମଣି ଗୁଡ୍ଡୁ, ଗୋବିନ୍ଦ ଗୁଡ୍ଡୁ, ରାଇମଣି ସୋରେନ, ଯଦୁ ମାରାଣ୍ଡି, ହାଡ଼ିବନ୍ଧୁ ମାରାଣ୍ଡି, ପୂର୍ଣ୍ଣଚନ୍ଦ୍ର ପାତ୍ର, ଫତୁରାମ ସୋରେନ, ସୋନା ସୋରେନ ସମେତ ୧୦ଟି ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସକାଳୁ ଦରଡ଼ିପାଳ ପଞ୍ଚାୟତ ସମବାୟ ସମିତି ସଭାପତି ପ୍ୟାରୀମୋହନ ବାରିକ, ଖାଲିଆମେଣ୍ଟା ଭାଜପା ମଣ୍ଡଳ ସଭାପତି ଯୋଗେନ୍ଦ୍ର ବାବୁ ଦାସ ସମେତ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ସୁଶାନ୍ତ ସାମଲ ଗାଁରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ପରେ କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦେଇଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଜିସି ସରକାରୀ ହାଇସ୍କୁଲରେ ୨ ଜଣ ଏ–୧

ବଉଳା,୩।୫(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଜିସି ସରକାରୀ ହାଇସ୍କୁଲ ଓରାଳିର ସମସ୍ତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବିଦ୍ୟାଳୟର ୨ ଜଣ ଏ–୧ରେ ସଫଳ ହୋଇଛନ୍ତି। ବିଦ୍ୟାଳୟରେ ୬୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥି ମଧ୍ୟରୁ ଏ–୧ ଦୁଇ ଜଣ, ଏ–୨ ୧୦ ଜଣ, ବି–୧ ୮ଜଣ, ବି–୨ ୯ଜଣ ଓ ଅନାନ୍ୟ ଗ୍ରେଡ୍‌ରେ ସମସ୍ତ ପିଲା ପାସ୍ କରିଛନ୍ତି। ଗଣେଷ ପରିଡ଼ା ୫୫୮ ନମ୍ବର ରଖି ବ୍ଲକ୍ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଶୁଭଲକ୍ଷ୍ମୀ ଜେନା ୫୪୨ନମ୍ବର ରଖି ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ବ୍ଲକ୍‌ସ୍ତରରେ ୫ମ ସ୍ଥାନରେ ରହିଛନ୍ତି। ପ୍ରଧାନଶିକ୍ଷକ ଅନିଲ କୁମାର ସିଂଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମାଟ୍ରିକ ପରୀକ୍ଷାରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ସଫଳତା




କେନ୍ଦୁଝର,୩।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ସିଦ୍ଧମଠଠାରେ ଥିବା ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅନୁଦାନପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟର ୫ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ର ସଫଳତା ପାଇଛି। ଛାତ୍ରୀଛାତ୍ର ପ୍ରଦୀପ ଗୋପ, ବିଦୁସ୍ମିତା ପାଢୀ, ସରୋଜ ଓରାମ, ଶୃତି ସୋରେନ ଏବଂ କାର୍ତ୍ତିକ ମୁଣ୍ଡାୟା ଚଳିତ ବର୍ଷ ସ୍ଥାନୀୟ ମୋଚିବନ୍ଧ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ ଜଣ ଗ୍ରେଡ୍–ସି ଓ ଜଣେ ଗ୍ରେଡ–ଡିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟ ମନୋଜ ରଥ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବଳଙ୍କ ସମେତ ସମସ୍ତ କର୍ମଚାରୀ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଆନନ୍ଦ ପ୍ରକାଶ କରିଛନ୍ତି।

# ଏନ୍‌ସିସି ତାଲିମ ଶିବିର ଉଦ୍‌ଘାଟିତ


ଏନସିସି କ୍ୟାଡେଟ୍ ଓ ଅଧିକାରୀମାନେ।

କେନ୍ଦୁଝର,୩।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଧରଣୀଧର ବିଶ୍ୱ ବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସ ପରିସରରେ ୧୪ ଓଡ଼ିଶା ଏନ୍‌ସିସି ବାଟାଲିୟନ ପକ୍ଷରୁ ୧୦ ଦିନିଆ ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। କ୍ୟାମ୍ପଟି ୧୪ ଓଡ଼ିଶା ଏନ୍‌ସିସି ବାଟାଲିୟନ, କେନ୍ଦୁଝର କ୍ୟାମ୍ପ୍ କମାଣ୍ଡାଣ୍ଟ କର୍ଣ୍ଣେଲ ଜୟନ୍ତ ମୋହନ ଜୋଶୀଙ୍କ ପରିଚାଳନା ଏବଂ ତାଙ୍କର ସକ୍ଷମ ଷ୍ଟାଫ୍ ଦଳ ସହିତ ପରିଚାଳିତ ହେଉଛି। ପ୍ରଶାସନିକ ଅଧିକାରୀ ଲେଫ୍ଟେନାଣ୍ଟ କର୍ଣ୍ଣେଲ ମୟୂର ଘାଡ଼ଗେଏ ଏବଂ ସୁବେଦାର ମେଜର ମହମ୍ମଦ ଶାହିଦ କ୍ୟାଡେଟ୍‌ଙ୍କୁ ଭଲ ଚରିତ୍ର ଗଠନ କରିବା ଏବଂ ଶୃଙ୍ଖଳାବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ୧୪ ଓଡ଼ିଶା ଏନ୍‌ସିସି ବାଟାଲିୟନ ଅଧୀନ ୨୧ଟି କଲେଜ/ବିଦ୍ୟାଳୟରୁ ୫୨୯ ଜଣ କ୍ୟାଡେଟ୍ ଏବଂ ସମ୍ବଲପୁର ଗ୍ରୁପ ହେଡ୍‌କ୍ୱାଟର ଏନ୍‌ସିସିର ଅନ୍ୟ ୟୁନିଟରୁ ୭୧ ଜଣ କ୍ୟାଡେଟ ଅଂଶଗ୍ରହଣ କରୁଛନ୍ତି। କ୍ୟାମ୍ପର ଦ୍ୱିତୀୟ ଦିନରେ ୧୪ ଜଣ ସିନିୟର୍ ଅଣ୍ଡର ଅଫିସରଙ୍କ ରାଙ୍କ ସମାରୋହ ଅନୁଷ୍ଠିତ ହୋଇଥିଲା। କ୍ୟାମ୍ପର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଆର୍‌ଡିସି ୨୦୨୬–୨୭ ଏବଂ ଆଇଡି ଏସଏସସି. ୨୦୨୬ ପାଇଁ ସକ୍ଷମ କ୍ୟାଡେଟ ଚୟନ କରିବା। ଏହା ସହିତ ଡ୍ରିଲ, ଅସ୍ତ୍ର ପ୍ରଶିକ୍ଷଣ, ମାନଚିତ୍ର ପଢ଼ା, ସ୍ୱାସ୍ଥ୍ୟ ଓ ପରିଷ୍କାରତା, ଡ୍ରୋନ ପ୍ରଶିକ୍ଷଣ, ବିପଦ ବ୍ୟବସ୍ଥାପନା ଆଦି ଶ୍ରେଣୀଗୁଡ଼ିକ କ୍ୟାଡେଟ୍‌ଙ୍କ ପାଇଁ ଆୟୋଜିତ ହେବ। ଫୁଟବଲ, ଭଲିବଲ ଭଳି କ୍ରୀଡ଼ା ପ୍ରତିଯୋଗିତା ସହ ଏକକ ସଙ୍ଗୀତ ଓ ଏକକ ନୃତ୍ୟ ଭଳି ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବ।

### ହତ୍ୟା ମାମଲାରେ ସଜାକାଟି ଫେରିଥିବା ଯୁବକଙ୍କ ଆତ୍ମହତ୍ୟା

ପାଟଣା,୩।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପଲାଶଘାଟି ପଞ୍ଚାୟତ କୁମୁଳାବାହାଲି ଗ୍ରାମରେ ଜଣେ ଯୁବକ କାଜୁ ଗଛରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ବୁଦ୍ଧୁ ମୁଣ୍ଡା(୪୪)। ବୁଦ୍ଧୁ ଏକ ହତ୍ୟା ମାମଲାରେ ସଜାକାଟି ଫେରିଥିଲେ। ଶନିବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ରବିବାର ଘଟଗାଁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତକ ବୁଦ୍ଧୁ ମୁଣ୍ଡାଙ୍କ ଶବ ଉଦ୍ଧାର କରିଛି। ପୂର୍ବରୁ ବୁଦ୍ଧୁ ୨୦୦୭ର ଏକ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ୧୨ବର୍ଷ ଜେଲେକାଟି ୬ମାସ ହେବ ଖଲାସ ହୋଇ ଘରକୁ ଫେରିଥିବଲେ। ଅନେକ ସମୟ ଚିନ୍ତାଗ୍ରସ୍ତ ଓ ନୀରବ ରହୁଥିବା ଗ୍ରାମବାସୀ କହିଛନ୍ତି। ସେ କାହାକୁ କିଛି କହୁ ନ ଥିଲେ। ରବିବାର ଘଟଗାଁ ଥାନା ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ଘଟଗାଁ ଥାନାରେ ଏକ ମାମଲା(ନଂ.୨୩/୨୬) ରୁଜୁ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି ବୋଲି ପୋଲିସ କହିଛି।

# ଯୋଡ଼ାରେ ଏ ୱାନ୍ ଗ୍ରେଡ୍‌ରେ ୧୩ ଛାତ୍ରୀଛାତ୍ର

ଯୋଡ଼ା,୩।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ୧୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଏ ୱାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ତଥା ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ଏଥିରେ ଯୋଡ଼ା ବ୍ଲକ୍‌ରେ ଥିବା ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୭, ଯୋଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୋଡ଼ା ସରସତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଟିକେଶ୍ୱର ମହାନ୍ତ ୫୫୦ ନମ୍ବର ରଖିଥିବା ବେଳେ ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରଜ୍ଞା ପରମିତା ଗିରି (୫୪୯), ପୁଷ୍ପଲତା ପାତ୍ର (୫୪୮), ଶୁଭସ୍ମିତା ମହାନ୍ତ(୫୪୮), ପୂର୍ଣ୍ଣଚନ୍ଦ୍ର ବେହେରା (୫୪୨), ଯୋଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର କ୍ଷୀତିଶ ପାତ୍ର(୫୪୧), ରଶ୍ମୀ ରଞ୍ଜନ ଗଡ଼ନାୟକ (୫୪୧), ଚନ୍ଦନ ମହାନ୍ତ(୫୪୦), ନିଲେସ ମହାନ୍ତ(୫୪୦), ପ୍ରୀତିମୟୀ ଗିରି(୫୪୦), ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସୁଶ୍ରୀ ସମୀକ୍ଷା ସାହୁ(୫୪୦), ବିଗ୍ନେସ ଶତପଥୀ (୫୪୦), ଅନନ୍ୟା ଅନିନ୍ଦିତା ପ୍ରଧାନ (୫୪୦) ନମ୍ବର ରଖି ଏ ୱାନ ଗ୍ରେଡ୍‌ରେ ସ୍ଥାନ ପାଇଛନ୍ତି। ଯୋଡ଼ା ବ୍ଲକ୍ ବାମେବାରି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶତ ପ୍ରତିଶତ ସଫଳତା ମିଳିଛି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କିକୋଟ,୩।୫(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଭୋଳବେଡ଼ା ପଞ୍ଚାୟତ ଭୋଳବେଡ଼ାଠାରେ ଥିବା ଘରୋଇ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଅଭିମନ୍ୟୁ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭୋଳବେଡା ସରପଞ୍ଚ ସନ୍ଧ୍ୟାରାଣୀ ନାୟକ, ମୁଖ୍ୟବକ୍ତା ବରିଷ୍ଠ ସାମାଜିକକର୍ମୀ ବଳରାମ ନାୟକ, ସମ୍ମାନୀୟ ଅତିଥିଭାବେ ବଣିଜ ନାୟକ ଯୋଗଦେଇଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସରେ କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ରମ୍ୟ ରଞ୍ଜନ ମହାନାୟକ ସହଯୋଗ କରିଥିଲେ।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି

## ମେଡିକାଲ କଲେଜରେ ଅସାମାଜିକଙ୍କ ଦୌରାତ୍ମ୍ୟ

କେନ୍ଦୁଝର,୩।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ରୋଗୀ ଓ ତାଙ୍କ ସମ୍ପର୍କୀୟ ଭୟଭୀତ ହୋଇପଡୁଛନ୍ତି। ବାହାରେ ପୋଲିସର କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, କେତେଜଣ ବାହାର ଦଲାଲ ସିକ୍ୟୁରିଟି କର୍ମଚାରୀଙ୍କ ସଲାସୁତୁରାରେ ରୋଗୀ ଓ ମୃତଦେହ ନିର୍ଦ୍ଦିଷ୍ଟ ଘରୋଇ ଗାଡ଼ି ଓ ଆମ୍ବୁଲାନ୍ସରେ ନେବା ପାଇଁ ବାଧ କରାଯାଉଛି। ଏ ନେଇ ଶୁକ୍ରବାର ଜଣେ ସ୍ଥାନୀୟ ଲୋକ ସବୁ ମୃତଦେହ ବୋହିବା ପାଇଁ ଗଣ୍ଡଗୋଳ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପାଖରେ ଖବର ଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଦଲାଲଙ୍କ ପ୍ରାଦୁର୍ଭାବ ବଢୁଛି। ଦଲାଲମାନେ ସେଠାରେ ପେଟପାଟଣା ପାଇଁ ଦୋକାନ କରିଥିବା ଗରିବ ଲୋକଙ୍କୁ ମଧ୍ୟ ମାରଧର କରି ମାଗଣାରେ ଖାଉଥିବା ଦୋକାନୀ କହିଛନ୍ତି। ମେଡିକାଲ କଲେଜ ପରିସରରେ କୌଣସି ଫାଣ୍ଡି ନ ଥିବା ବେଳେ ଜିଲା ମୁଖ୍ୟ ଡାକ୍ତରଖାନାରେ ଥିବା ଫାଣ୍ଡି ଅଧୀନରେ ପରିଚାଳିତ ହେଉଛି। ଏଣୁ ପୋଲିସ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରୁନାହିଁ। ଏହାକୁ ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ବଡ଼ଧରଣର ଗଣ୍ଡଗୋଳ ଆଶଙ୍କା ରହିଥିବା ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି। ଫାଣ୍ଡି ଦାୟିତ୍ୱରେ ଥିବା ଏଏସ୍‌ଆଇ ବିପିନ ବାରିକ କହିଛନ୍ତି, ଶୁକ୍ରବାର ଗଣ୍ଡଗୋଳ ବିଷୟରେ ଖବର ଅଛି, କୌଣସି ରିପୋର୍ଟ ହୋଇନାହିଁ। ରୋଗୀ, ମୃତଦେହ ପରିବହନକୁ ନେଇ ସବୁବେଳେ ବିବାଦ ଲାଗୁଛି। ଗଣ୍ଡଗୋଳ କରୁଥିବା ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପଦକ୍ଷେପ ନିଆଯିବ।

# ଜିତୁ ମୁଣ୍ଡାଙ୍କ ପାଇଁ ବଦଳିଲା ଗାଁର ଭାଗ୍ୟ

## ମରାମତି ହେଲା ଅଚଳ ନଳକୂପ

କେନ୍ଦୁଝର,୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଟଙ୍କା ଉଠାଇବା ପାଇଁ ଜିତୁ ମୁଣ୍ଡା ନିଜ ବଡ଼ ଭଉଣୀଙ୍କ କଙ୍କାଳ କାନ୍ଧରେ ବୋହି ବ୍ୟାଙ୍କକୁ ନେବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ଜିତୁ ମୁଣ୍ଡାଙ୍କ ଭାଗ୍ୟକୁ ବଦଳାଇବା ସହିତ ତାଙ୍କ ଗ୍ରାମର ଭାଗ୍ୟ ମଧ୍ୟ ବଦଳାଇଦେଇଛି। ଜିତୁଙ୍କୁ ସହାୟତାର ସୁଅ ଛୁଟୁଥିବା ବେଳେ ଗ୍ରାମର ଅବସ୍ଥା ସୁଧୁରୁଛି। ଫଳରେ ଜିତୁଙ୍କ ସହିତ ଗ୍ରାମବାସୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି।

ଏକଦା ଅଲୋଡ଼ା ହୋଇଥିବା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମକୁ ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତା, ଲୋକପ୍ରତିନିଧିଙ୍କ ଏବେ ଯାତାୟାତ ଲାଗି ରହିଛି। ଜିତୁଙ୍କୁ ସହାୟତା ରାଶି ସହିତ ଭତ୍ତା, ଘରକୁ ବିଦ୍ୟୁତ୍ ସଂଯୋଗ, ଫ୍ୟାନ, ଖଟ, ବିଛଣା ସବୁ ମିଳିଯାଇଛି। ଏଥିସହ ଡିଆନାଳି ଗ୍ରାମରେ ପ୍ରାୟ ୧୫୦ପରିବାର ବସବାସ କରୁଥିବା ବେଳେ ପାଣି ପାଇଁ ଲୋକେ ଅନେକ ହଇରାଣ ହେଉଥିଲେ। ସକାଳ ହେଲେ ମହିଳା ପାଣି ସଂଗ୍ରହରେ ଲାଗିପଡୁଥିଲେ। ତେବେ ଜିତୁ ମୁଣ୍ଡାଙ୍କ ଖବର ପ୍ରଘଟ ପରେ ଗାଁରେ ଅଚଳ ହୋଇପଡ଼ିଥିବା ନଳକୂପ ମରାମତି କରାଯାଇଛି। ଗୋଟିଏ ପଟେ ଖରାଦିନ ପୂର୍ବରୁ ସମସ୍ତ ଅଚଳ ନଳକୂପ ମରାମତି କରାଯାଇଛି ବୋଲି ପ୍ରଶାସନ କହୁଥିବା ବେଳେ ଏବେ ବାସ୍ତବ ଚିତ୍ର ପଦାକୁ ଆସିଛି। ରବିବାର ସକାଳେ ଗ୍ରାମୀଣ ଜଳଯୋଗାଣ ବିଭାଗ ପକ୍ଷରୁ ନଳକୂପ ମରାମତି କରାଯାଇଥିବା ବେଳେ ପୂର୍ବରୁ ଅଭିଯୋଗ କଲେ ମଧ୍ୟ ମରାମତି କରାଯାଉ ନ ଥିଲା ବୋଲି ଗ୍ରାମବାସୀ ସୂର୍ଯ୍ୟମଣୀ ମହାନ୍ତ, ନଳିତା ମହାନ୍ତ ପ୍ରମୁଖ କହିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ବିଭାଗରେ ବହୁ ଅଧିକାରୀ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହୁଥିବାରୁ ମନମାନି ବଢ଼ିଛି। ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଛନ୍ତି ବୋଲି ଆଦିବାସୀ ନେତା ଇଂ. ବିନୋଦ ନାୟକ କହିଛନ୍ତି।

